# ସ୍କୁଲ ରୂପାନ୍ତରୀକରଣ ଖର୍ଚ୍ଚ ହିସାବ ନେଇ ବଢ଼ୁଛି ଅଡୁଆ

ଭଦ୍ରକ,୧୨।୧(ସନାତନ ରାଉତ)

ଭଦ୍ରକ ଜିଲାରେ ସ୍କୁଲ ରୂପାନ୍ତରୀକରଣ ଖର୍ଚ୍ଚ ହିସାବ ନେଇ ଅଡୁଆ ବଢ଼ୁଛି। ପୂର୍ବ ସରକାର ସମୟରେ ୫-ଟି ଯୋଜନାରେ ଜିଲାରେ ୮୦ ଭାଗ ଉଚ୍ଚ ବିଦ୍ୟାଳୟକୁ ରୂପାନ୍ତରୀକରଣ କରାଯାଇଥିଲା। ଏଥିପାଇଁ ବହୁ କୋଟି ଟଙ୍କା ଖର୍ଚ୍ଚ ମଧ୍ୟ ହୋଇଥିଲା। ଏହି କାର୍ଯ୍ୟକୁ ୨ ବର୍ଷରୁ ଊର୍ଦ୍ଧ୍ୱ ବିତି ଯାଇଥିଲେ ମଧ୍ୟ ସରକାରଙ୍କୁ ଖର୍ଚ୍ଚର ହିସାବ ଦାଖଲ କରାଯାଇ ନାହିଁ। ଏହି ଖର୍ଚ୍ଚର ହିସାବ ଦାଖଲ କରିବା ପାଇଁ ପ୍ରଧାନଶିକ୍ଷକମାନଙ୍କୁ ଚିଠି ହୋଇଥିବା ବେଳେ ସେମାନେ ଏହାର ୟୁସି ଦାଖଲ କରିପାରୁନାହାନ୍ତି। ଯାହାକୁ ନେଇ ୫-ଟି ସ୍କୁଲର ପ୍ରଧାନଶିକ୍ଷକମାନଙ୍କୁ ଚିଠି ପରେ ଚିଠି ଆସୁଥିବା ବେଳେ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଉପରେ ଚାପ ବଢ଼ିବାରେ ଲାଗିଛି।

୨୦୨୦-୨୧ ଆର୍ଥିକ ବର୍ଷରେ ମୋ ସ୍କୁଲ ଅଭିଯାନରୁ ସ୍କୁଲ ରୂପାନ୍ତରୀକରଣ ପାଇଁ ଆର୍ଥିକ ମଞ୍ଜୁରୀ ମିଳିଥିଲା। ୨୦୨୪ ଏପ୍ରିଲ ପର୍ଯ୍ୟନ୍ତ ୪ ପର୍ଯ୍ୟାୟରେ ବିଦ୍ୟାଳୟ ପିଛା ୩୮ ଲକ୍ଷ ଟଙ୍କା ହିସାବରେ ଭଦ୍ରକ ଜିଲାର ସରକାରୀ ଏବଂ ବେସରକାରୀ ହାଇସ୍କୁଲ ସମେତ ୩ଟି ଆଦର୍ଶ ବିଦ୍ୟାଳୟକୁ ମିଶାଇ ମୋଟ ୩୦୩ଟି ସ୍କୁଲକୁ ଶହେ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଯୋଗାଇ ଦିଆଯାଇଥିଲା। ରାଜ୍ୟ ସରକାରଙ୍କ ମୋ ସ୍କୁଲ ଅଭିଯାନରୁ ୫-ଟି ସ୍କୁଲ ପ୍ରଧାନ ଶିକ୍ଷକଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସିଧାସଳଖ ଏହି ଟଙ୍କା ପ୍ରଦାନ କରାଯାଇଥିଲା। ଆଉ ଏହି ଅର୍ଥ ବିନିଯୋଗ ବିଡିଓଙ୍କ ଜରିଆରେ ସମ୍ପାଦିତ ହୋଇଥିଲା। ଏହି କାର୍ଯ୍ୟରେ ବ୍ୟାପକ ଅନିୟମିତତା ଓ ହରିଲୁଟ୍ ନେଇ ସେତେବେଳେ ଅଭିଯୋଗ ହେଉଥିଲା। ତେବେ ସରକାର ବଦଳିବା ପରେ ଏହି ଖର୍ଚ୍ଚର ୟୁସି ଦାଖଲ କରିବାକୁ ତନାଘନା ଆରମ୍ଭ ହୋଇଛି। ଏହି ଅର୍ଥର ପ୍ରକୃତ ବିନିଯୋଗ ଦାୟିତ୍ୱ ବିଡିଓଙ୍କ ପାଖରେ ଥିବାବେଳେ ପ୍ରଧାନ ଶିକ୍ଷକଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଟଙ୍କା ପଠା ଯାଇଥିବାରୁ ୟୁସି ଦାଖଲ ପାଇଁ ପ୍ରଧାନ ଶିକ୍ଷକମାନେ ଉତ୍ତରଦାୟୀ ରହିଛନ୍ତି। ଅପରପକ୍ଷେ ବିଡିଓମାନେ କେତେକ ସ୍କୁଲକୁ ଖର୍ଚ୍ଚର ହିସାବ ଦେଉ ନ ଥିବା ଯୋଗୁ ପ୍ରଧାନଶିକ୍ଷକମାନେ ଅଡୁଆରେ ପଡ଼ିଛନ୍ତି। ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ମୁତାବକ ୨୦୨୪ ଡିସେମ୍ବର ଶେଷ ସୁଦ୍ଧା ୩୦୩ଟି ରୂପାନ୍ତରିତ ସ୍କୁଲ ମଧ୍ୟରୁ ମାତ୍ର ୫୦/୬୦ଟି ସ୍କୁଲ ଖର୍ଚ୍ଚର ହିସାବ ଦାଖଲ କରାଯାଇଛି। ବର୍ତ୍ତମାନ ସୁଦ୍ଧା ବହୁ ସ୍କୁଲରେ ରୂପାନ୍ତରୀକରଣ କାମ ସରି ନ ଥିବା ବେଳେ ଆଉ କେତେକ ସ୍କୁଲ ୟୁସି ଦାଖଲ ପାଇଁ ପ୍ରସ୍ତୁତି ଚାଲିଥିବା କହି ସମୟ ଗଡ଼ାଇ ଚାଲିଛନ୍ତି।

ଏ ସମ୍ପର୍କରେ ଜିଲା ଶିକ୍ଷାଧିକାରୀ ଅକ୍ରୁର ବାରିକ୍ କହିଛନ୍ତି, ଜିଲାରେ ୩୦୩ଟି ହାଇସ୍କୁଲକୁ ରୂପାନ୍ତରୀକରଣରେ ସାମିଲ କରାଯାଇଥିଲେ ମଧ୍ୟ କେତୋଟି ସ୍କୁଲକୁ ଅନୁଦାନ ଯାଇନାହିଁ। କେତେକ ସ୍କୁଲର ପ୍ରଧାନ ଶିକ୍ଷକ ସେମାନଙ୍କ ମାଧ୍ୟମରେ ନ ଦେଇ ସିଧାସଳଖ ୟୁସି ଦାଖଲ କରିଥିବାରୁ ଏହାର ଠିକ୍ ହିସାବ ମିଳିପାରି ନାହିଁ। ଆନୁମାନିକ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ସ୍କୁଲର ପ୍ରଧାନ ଶିକ୍ଷକ ୟୁସି ଦାଖଲ କରିସାରିଛନ୍ତି। ବିଡିଓମାନେ ପ୍ରଧାନ ଶିକ୍ଷକଙ୍କୁ ହିସାବ ଦେବା ପରେ ସେମାନେ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ୟୁସି ଦାଖଲ କରୁଛନ୍ତି। ପରେ ଜିଲା କାର୍ଯ୍ୟାଳୟ ପକ୍ଷରୁ ସରକାରଙ୍କ ନିକଟରେ ୟୁସି ଦାଖଲ କରାଯାଉଛି ବୋଲି ସେ କହିଛନ୍ତି।

# 'ଜନ୍ମମାଟିର ସେବାରେ ନିୟୋଜିତ ଥିଲେ ଦୀନମଣି'



ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ଅତିଥି।

ଟିହିଡ଼ି,୧୨।୧(ସଙ୍ଗୀତ ବଳ)

ଜଣେ ପ୍ରଶାସନିକ ଅଧିକାରୀ ହୋଇଥିଲେ ମଧ୍ୟ ଜନ୍ମମାଟିର ସେବାରେ ନିଜକୁ ନିୟୋଜିତ କରିଥିଲେ ସ୍ୱର୍ଗତ ଦୀନମଣି ମିଶ୍ର। ତାଙ୍କ ଉତ୍ସର୍ଗୀକୃତ ମନୋଭାବ ପାଇଁ ସେ ସ୍ମରଣୀୟ ହୋଇ ରହିବେ ବୋଲି ରବିବାର ପୂର୍ବତନ ବିଡିଓ ସ୍ୱର୍ଗତ ମିଶ୍ରଙ୍କ ଦ୍ୱାଦଶାହ ଅବସରରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଟିହିଡ଼ି ବ୍ଲକ ଅଧୀନ ଗାଜିପୁର ଗ୍ରାମରେ ଶିକ୍ଷାବିତ୍ ଭରତ ଚନ୍ଦ୍ର ବିଶ୍ୱାଳ ପୌରୋହିତ୍ୟରେ ଆୟୋଜିତ ଏହି ସଭାରେ ଅତିଥି ଭାବେ ବରିଷ୍ଠ କବି ହୃଦାନନ୍ଦ ପାଣିଗ୍ରାହୀ, ପୂର୍ବତନ ସରପଞ୍ଚ ବସନ୍ତ କୁମାର ନାୟକ, ଅଧ୍ୟାପକ ଶିବ ପ୍ରସାଦ ଖାମୁରାଇ, ବ୍ରଜସୁନ୍ଦର ମିଶ୍ର, ରତ୍ନାକର ସାହୁ, କାମେଶ୍ୱର ନାରାୟଣ ପ୍ରହରାଜ, ପୂର୍ଣ୍ଣଚନ୍ଦ୍ର ସାହୁ, ରମାକାନ୍ତ ନାଥ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମିଶ୍ରଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋକପାତ କରିଥିଲେ। ଶିକ୍ଷାବିତ୍ ସୋମନାଥ ମିଶ୍ର, ଦମୟନ୍ତୀ ନାଥ, ସୁଦର୍ଶନ ସାହୁ, ବିନୋଦ ବିହାରୀ ତ୍ରିପାଠୀ, ଦ୍ରୌପଦୀ ସାହୁ, ଉମାକାନ୍ତ ସାହୁ, ଗୌରାଙ୍ଗ ସାହୁ, ହରେକୃଷ୍ଣ ପଣ୍ଡା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଅରବିନ୍ଦ ମିଶ୍ର, ଶ୍ୟାମସୁନ୍ଦର ମିଶ୍ର, ସତ୍ୟସୁନ୍ଦର ମିଶ୍ର, ପ୍ରମୋଦ ମିଶ୍ର, ଅକ୍ଷୟ ମିଶ୍ର, ମନମୋହନ ମିଶ୍ର, ସିଦ୍ଧାର୍ଥ ମିଶ୍ର, ବାପୁଜୀ ପାଣିଗ୍ରାହୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# 'ପ୍ରେରଣାର ଉତ୍ସ ଥିଲେ ଦାମୋଦର'



ପଦାର୍ଥ ବିଜ୍ଞାନୀ ଡ. ରାମଚନ୍ଦ୍ର ନାୟକଙ୍କ ସମ୍ମାନ ପୁଅ ଅଭିଜିତ୍ ନାୟକ ଗ୍ରହଣ କରୁଛନ୍ତି।

ଭଦ୍ରକ,୧୨।୧(ସନାତନ ରାଉତ)

ପୂର୍ବତନ ପଦାର୍ଥ ବିଜ୍ଞାନୀ ପ୍ରଫେସର ଦାମୋଦର ସାହୁ ଜଣେ କର୍ତ୍ତବ୍ୟନିଷ୍ଠ, ସମୟାନୁବର୍ତ୍ତୀ ଶିକ୍ଷାବିତ୍ ଥିବାବେଳେ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ଥିଲେ ବୋଲି ତାଙ୍କ ୬ଷ୍ଠ ବାର୍ଷିକ ସ୍ମୃତି ସମାରୋହରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ରବିବାର ଭାଗବତ କଲ୍ୟାଣ ମଣ୍ଡପଠାରେ ଶିକ୍ଷାବିତ୍ ହରମୋହନ କୁଅଁରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ କଥାକାର ପବିତ୍ର ପାଣିଗ୍ରାହୀ, ମୁଖ୍ୟବକ୍ତା ବିଜ୍ଞାନ ଲେଖକ ଡା. ଦୁର୍ଯ୍ୟୋଧନ ଦାସ, ଅନ୍ୟତମ ଅତିଥି ଭାବେ ପ୍ରଫେସର ଗୋଲକ ବିହାରୀ ସାହୁ ଓ ଶାନ୍ତନୁ କୁମାର ରାଉତ ଯୋଗଦେଇ ସ୍ୱର୍ଗତ ସାହୁଙ୍କ ବ୍ୟକ୍ତିତ୍ୱ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସ୍ମୃତି ସଂସଦର ସମ୍ପାଦିକା ଡ. ରାଧାରାଣୀ ମହାପାତ୍ର ସମ୍ପାଦକୀୟ ବିବରଣୀ ଉପସ୍ଥାପନ କରିଥିଲେ। ଅଧିବକ୍ତା ମନୋରଞ୍ଜନ ଦାସ ସ୍ୱାଗତ ଭାଷଣ ଓ ବୈକୁଣ୍ଠ ବିଶ୍ୱାଳ ଅତିଥି ପରିଚୟ ଦେଇଥିଲେ। ଏହି ଅବସରରେ ବିଶିଷ୍ଟ ପଦାର୍ଥ ବିଜ୍ଞାନୀ ଡ. ରାମଚନ୍ଦ୍ର ନାୟକଙ୍କୁ 'ଦାମୋଦର ସାହୁ ସ୍ମୃତି ସମ୍ମାନ' ପ୍ରଦାନ କରାଯାଇଥିଲା। ତାଙ୍କ ପୁଅ ରୋଟାରିଆନ ଅଭିଜିତ୍ ନାୟକ ଏହି ସମ୍ମାନ ଗ୍ରହଣ କରିଥିଲେ। ବାବୁଲାଲ ଦାସ ମଞ୍ଚ ଆମନ୍ତ୍ରଣ କରିଥିବା ବେଳେ ଚୈତାଳି ଖିଲାର ଧନ୍ୟବାଦ ଦେଇଥିଲେ। ସ୍ମୃତି ସଂସଦର ଆବାହକ କୈଳାସ ଚନ୍ଦ୍ର ପଣ୍ଡା, ପ୍ରଫେସର ମଧୁଶ୍ରୀ ବେହେରା, ବିଜୟ ବହଳୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୩୯ଜଣଙ୍କୁ କହ୍ନେଇ ପଣ୍ଡା ସ୍ମୃତି ପ୍ରତିଭା ସମ୍ମାନ

ବାସୁଦେବପୁର,୧୨।୧
(ନାରାୟଣ ପ୍ରସାଦ ବାରିକ୍)



ସମାରୋହରେ ଉପସ୍ଥିତ ଅତିଥିମାନେ।

ବାସୁଦେବପୁର ଅରଣ୍ଡୁଆ ପଞ୍ଚାୟତର ନରେନ୍ଦ୍ରପୁର ଗ୍ରାମରେ ରବିବାର ସାମାଜିକ କର୍ମୀ କହ୍ନେଇ ପଣ୍ଡା ସ୍ମୃତି ସଂସଦ ଆନୁକୂଲ୍ୟରେ କହ୍ନେଇ ପଣ୍ଡା ସ୍ମୃତି ପ୍ରତିଭା ସମ୍ମାନ-୨୦୨୫ ସମାରୋହ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ହୃଷୀକେଶ ରଥ ଯୋଗଦେଇ ପୂଜ୍ୟପୂଜାର ଏହି ନିଆରା ପରମ୍ପରାକୁ ପ୍ରଶଂସା କରିଥିଲେ। ମାତାପିତା ହେଉଛନ୍ତି ଚଳନ୍ତି ଦେବତା। ବୃଦ୍ଧ ମା'ବାପାଙ୍କୁ ଜରାଶ୍ରମରେ ନ ଛାଡ଼ି ସେମାନଙ୍କୁ ହତାଦର ନ କରି ଯଥୋଚିତ ସମ୍ମାନ ଓ ସେମାନଙ୍କ ସେବା ଯତ୍ନ କଲେ ଏହା ସେମାନଙ୍କ ପାଇଁ ଶ୍ରେଷ୍ଠ ଉପହାର ହେବ ବୋଲି ସେ କହିଥିଲେ। ବଂଶୀଧର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହରେ ଅନ୍ୟତମ ଅତିଥି ଭାବେ ପ୍ରବଚକ ଗୋପାଳ ବେଜ, ପ୍ରଧାନ ଶିକ୍ଷକ ଅମୂଲ୍ୟ ବାରିକ୍, ରତ୍ନାକର ମହାଳିକ, କବି ବିକାଶ ଶତପଥୀ, ଅଧ୍ୟାପକ ଅଶୋକ ନାୟକ, ବେଣୁଧର ପରିଡ଼ା, ବୈଲୋଚନ ସାହୁ ଓ ମୁଖ୍ୟବକ୍ତା ଭାବେ ନାରାୟଣ ଚନ୍ଦ୍ର ପରିଡ଼ା ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମର ପୃଷ୍ଠପୋଷକ ଭାବେ ସ୍ୱର୍ଗତ ପଣ୍ଡାଙ୍କ ସ୍ତ୍ରୀ ଅମ୍ବିକା ପଣ୍ଡା ମଞ୍ଚାସୀନ ରହି ଅତିଥିଙ୍କ ସହ ୩୯ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସାହିତ୍ୟିକ ପୀତାମ୍ବର ମିଶ୍ର, ତପନ ମିଶ୍ର, ପାଲାଗାୟକ ସନାତନ ପୁରୀ, ଅମୂଲ୍ୟରତ୍ନ ସାହୁ, କୈଳାସ ଚନ୍ଦ୍ର ମହାନ୍ତି, ଶିକ୍ଷାବିତ୍ ପୂର୍ଣ୍ଣଚନ୍ଦ୍ର ପରିଡ଼ା, ସୁରେନ୍ଦ୍ର ପ୍ରସାଦ ବେଜଙ୍କ ସମେତ ବିଭିନ୍ନ ବର୍ଗର ୩୯ଜଣ ସମ୍ବର୍ଦ୍ଧିତ ହୋଇଛନ୍ତି। ସ୍ୱର୍ଗତ ପଣ୍ଡାଙ୍କ ପୁଅ ଅଧ୍ୟକ୍ଷ ଚିତ୍ତରଞ୍ଜନ ପଣ୍ଡା ସ୍ୱାଗତ ବକ୍ତବ୍ୟ ଦେଇଥିଲେ। ନାରାୟଣ ପାଣିଗ୍ରାହୀ ବେଦପାଠ ଓ ପରମାନନ୍ଦ ଓଝା ବିବରଣୀ ପାଠ କରିଥିଲେ। ମଧୁସୂଦନ ପାଢ଼ୀ ଅତିଥି ପରିଚୟ ଦେଇଥିବା ବେଳେ ମଞ୍ଚ ଆହ୍ୱାନ କରିଥିଲେ ବ୍ରଜମୋହନ ଦାଶ। ଶିବାନୀ ମାନ୍ନା ଏକକ ନୃତ୍ୟ ପରିବେଷଣ କରିଥିଲେ। ଶଶାଙ୍କ ଶେଖର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ମଣ୍ଡିରେ କିଣାଯାଉନି ଧାନ

## ୧୨ କେଜି କଟ୍‌ନି ଛଟ୍‌ନି ପାଇଁ ଅଡ଼ି ବସିଛନ୍ତି ମିଲର

ଭଣ୍ଡାରିପୋଖରୀ,୧୨।୧
(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକର ସରକାରୀ ଅନୁମୋଦିତ ୮ଟି ପ୍ୟାକ୍ସ ଓ ୮ ଏସ୍ଏଚ୍‌ଜି ମଣ୍ଡିରେ ଧାନକ୍ରୟ ହେବାକୁ ଥିବାବେଳେ ମାତ୍ର ୨ଟିକୁ ଛାଡ଼ିଦେଲେ ଅନ୍ୟ କୌଣସିଠାରେ ଅଦ୍ୟାବଧି କିଣା ହୋଇପାରି ନାହିଁ। ଟୋକନପ୍ରାପ୍ତ ଚାଷୀମାନେ ବିକ୍ରି ପାଇଁ ମଣ୍ଡିକୁ ଧାନ ଆଣି ସାରିଛନ୍ତି। ହେଲେ ଧାନ କ୍ରୟ ଆଦୌ ସମ୍ଭବ ହୋଇପାରୁ ନାହିଁ। ୮ଟି ଏସ୍ଏଚ୍‌ଜି ମଧ୍ୟରୁ ପାଟୁଳି ଓ ଆଦମପୁର ମଣ୍ଡିରେ ୩୪୬ କୁଇଣ୍ଟାଲ ଧାନକ୍ରୟ ଆରମ୍ଭ ହୋଇଛି। ମିଲରମାନେ ଚଳିତବର୍ଷ ଧାନର ମାନକୁ ଦେଖି କୁଇଣ୍ଟାଲ ପିଛା ୧୨ କେଜି କଟ୍‌ନି ଛଟ୍‌ନି ପାଇଁ ଅଡ଼ି ବସିଥିବାରୁ ଧାନ କ୍ରୟ ହୋଇପାରୁ ନାହିଁ। ଘଟଣାର ସମାଧାନ ପାଇଁ ପ୍ୟାକ୍ସ କର୍ତ୍ତୃପକ୍ଷ ଓ ମିଲରଙ୍କ ମଧ୍ୟରେ ବହୁବାର ବୈଠକ ବସିଥିଲେ ମଧ୍ୟ ତାହା ଫଳପ୍ରଦ ହୋଇପାରୁନି। ଜିଲାପାଳ ଦିଲୀପ କୁମାର ରାଉତରାଏ ଆଦମପୁର ଶକ୍ତିସ୍ୱରୂପା ସ୍ୱୟଂସହାୟକ ଗୋଷ୍ଠୀ ଦ୍ୱାରା ପରିଚାଳିତ ମଣ୍ଡି ଓ ପାଟୁଳି ଆସ୍ଥା ମନ୍ତ୍ରବାସିନୀ ସ୍ୱୟଂ ସହାୟିକା ଗୋଷ୍ଠୀ ଦ୍ୱାରା ପରିଚାଳିତ ମଣ୍ଡି ରବିବାର ପରିଦର୍ଶନ କରି ଧାନକ୍ରୟ ସମୀକ୍ଷା କରିଛନ୍ତି। ସ୍ଥାନୀୟ ତହସିଲଦାର ସରୋଜକାନ୍ତ ନାୟକ ଉପସ୍ଥିତ ଥିଲେ।

# ଜାତୀୟ ଯୁବ ଦିବସରେ ବିଜ୍ଞାନ ପ୍ରଦର୍ଶନୀ

ଟିହିଡ଼ି,୧୨।୧(ସଙ୍ଗୀତ ବଳ)

ଟିହିଡ଼ି ବ୍ଲକର ପୀରହାଟସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ରବିବାର ଜାତୀୟ ଯୁବ ଦିବସ ଅବସରରେ ବିଜ୍ଞାନ ପ୍ରଦର୍ଶନୀ ଓ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ ଉତ୍ସବକୁ ମୁଖ୍ୟଅତିଥି ଭାବେ ଡା. ବିଚିତ୍ରାନନ୍ଦ ମିଶ୍ର ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପ୍ରଧାନ ଶିକ୍ଷକ ପ୍ରଦୀପ୍ତ କିଶୋର ଦାସ ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ମିଶ୍ର ଯୋଗଦେଇ ଛାତ୍ରୀଛାତ୍ରଙ୍କ ଆଦର୍ଶ ସ୍ୱାମୀ ବିବେକାନନ୍ଦ ହେବା ଆବଶ୍ୟକ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ଅଧ୍ୟାପକ ବିଜୟ ପଣ୍ଡା, ଆଇନଜୀବୀ ସଞ୍ଜୟ ମହାନ୍ତି, ପରିଚାଳନା କମିଟି ସଦସ୍ୟ ନରେନ୍ଦ୍ର ମିଶ୍ର, ଲକ୍ଷ୍ମୀପ୍ରିୟା ଯତି ପ୍ରମୁଖ ଯୋଗଦେଇ ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ। ଶିକ୍ଷକ ରବୀନ୍ଦ୍ର ଜେନା ସ୍ୱାଗତ ଭାଷଣ, ଦେବବ୍ରତ ନାୟକ ଅତିଥି ପରିଚୟ ଓ ସହକାରୀ ପ୍ରଧାନ ଶିକ୍ଷକ ଗୟାଧର ନାୟକ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଅନୁଷ୍ଠିତ ବିଜ୍ଞାନ ପ୍ରଦର୍ଶନୀରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ୫୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବରିଷ୍ଠ ଓ କନିଷ୍ଠ ବିଭାଗରେ ୩ଜଣ ଲେଖାଏ ପ୍ରତିଯୋଗୀଙ୍କୁ ପୁରସ୍କୃତ କରଯାଇଥିଲା। ସେହିପରି ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ସରୋଜ ଦାସ, ସୂର୍ଯ୍ୟକାନ୍ତ ନାୟକ, ନକୁଳ ମହାଳିକ, ମନିଜା ବଳ, ଅଙ୍କିତା ସ୍ୱାଇଁ, ସୁଦୀପ୍ତ ସାମଲ, ସୁକାନ୍ତ ନାୟକ, ରଜତ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଦଳକୁ ମଜଭୁତ କରିବାକୁ ଆହ୍ୱାନ

## ବିଜେଡିର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ

ଧାମନଗର,୧୨।୧(ଦେବେନ୍ଦ୍ର ଆଢ଼ିଆ)

ଧାମନଗର ବ୍ଲକର ମୁସ୍ତାଫାପୁର ପଞ୍ଚାୟତ ଗୋହିରାଟିକିରିଠାରେ ରବିବାର ବିଜେଡିର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ଉମେଶ ମହାନ୍ତି ଏଥିରେ ସଭାପତିତ୍ୱ କରିଥିଲେ। ଯାଜପୁରର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ ଯୋଗଦେଇ କର୍ମୀମାନେ ଆଗାମୀ ଦିନରେ ମନୋବଳ ଦୃଢ଼ କରି ଦଳକୁ ମଜଭୁତ କରିବାକୁ ଆହ୍ୱାନ ଦେଇଥିଲେ। ଏଥିସହ ଦଳର ଦଲାଲଙ୍କୁ ବାହାର କରି ନେତା ଓ କର୍ମୀଙ୍କୁ ନେଇ ସଙ୍ଗଠନକୁ ମଜଭୁତ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ।

ଧାମନଗରର ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସ, ବିଜେଡି ନେତା ସଞ୍ଜୟ ଦାସ, ପଞ୍ଚାୟତ ସମିତି ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଅଶୋକ ନାୟକ, ଜିଲା ପରିଷଦ ସଦସ୍ୟ ପ୍ରଦୀପ କୁମାର ମଲ୍ଲିକ, ଜିଲା ପରିଷଦ ଉପାଧ୍ୟକ୍ଷା ଚୁନିବାଳା ବିଶ୍ୱାଳ, ଏନ୍ଏସି ଅଧ୍ୟକ୍ଷା ନିବେଦିତା ଜେନା, ଦୟାନିଧି ମିଶ୍ର, ପ୍ରତାପ ସାମଲ, ସୀତାକାନ୍ତ ମିଶ୍ର, ସୁଶାନ୍ତ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ବର୍ତ୍ତମାନର କେନ୍ଦ୍ର ଓ ରାଜ୍ୟ ସରକାର ଦେଇଥିବା ପ୍ରତିଶ୍ରୁତି ପାଳନ ନ କରି ଲୋକଙ୍କୁ ଠକୁଛନ୍ତି। ରାଜ୍ୟରେ ଦୁର୍ନୀତି, ହତ୍ୟା ଓ ନିର୍ଯ୍ୟାତନା ବୃଦ୍ଧି ପାଇଥିବା କହି ସେମାନେ ସରକାରଙ୍କୁ ସମାଲୋଚନା କରିଥିଲେ।



କାର୍ଯ୍ୟକାରିଣୀ ବୈଠକରେ ଉପସ୍ଥିତ ବିଜେଡି ନେତୃବୃନ୍ଦ।

# ଭଦ୍ରକ ଯୁକ୍ତ ୨, ୩ ପ୍ରଥମ ବ୍ୟାଚ୍‌ର ବନ୍ଧୁମିଳନ



ଭଦ୍ରକ,୧୨।୧( ରବିନାରାୟଣ ଖିଲାର)

ଭଦ୍ରକର ଆଦମପୁର ଗ୍ରାମ୍ୟ ଜଙ୍ଗଲଠାରେ ଭଦ୍ରକ ଯୁକ୍ତ ୨ ଓ ୩ ପ୍ରଥମ ବ୍ୟାଚ୍‌ର ୧୩ତମ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କମିଟିର ସଭାପତି ତପନ କୁମାର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଉପସଭାପତି କୁନି ମହାନ୍ତି ପ୍ରାରମ୍ଭିକ ସୂଚନା ଦେଇଥିଲେ। ପ୍ରଥମେ ଦିବଂଗତ ବନ୍ଧୁମାନଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ସାମାଜିକ କର୍ମୀ ବିକାଶ ସାମଲ ଓ ସରପଞ୍ଚ ଅମୂଲ୍ୟ କୁମାର ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସ, ରାଜ୍ୟ ସଚିବାଳୟର ଅଧିକାରୀ ମନୋରଞ୍ଜନ ନାୟକ, ସତ୍ୟାନନ୍ଦ ପଣ୍ଡା, ଶ୍ରୀକାନ୍ତ ସାହୁ, ଦିଲୀପ ମିଶ୍ର, ରାଜ୍ୟ ସହ ଗ୍ରନ୍ଥାଧ୍ୟକ୍ଷ ପଦ୍ମନାଭ ଜେନା, ଅନିଲ ନାୟକ, ପ୍ରଦୀପ ରାୟ, ମିନୁ ଶର୍ମା, ଶରତ ମିଶ୍ର, ଅମୂଲ୍ୟ ପାଢ଼ୀ, ଆଇନଜୀବୀ ତାହେର ମହମ୍ମଦ, ଅଭିଜିତ ମହାନ୍ତି, ଶାନ୍ତନୁ ଗୁହ, ସତ୍ୟବ୍ରତ ମହାନ୍ତି, ପ୍ରଭାତ ବାରିକ, ମୁକ୍ତିକାନ୍ତ ନାୟକ, ଟିଙ୍କୁ ମହାପାତ୍ର, ତପନ ମିଶ୍ର, ଗୌତମ ନାୟକ, ରବୀନ୍ଦ୍ର ପଣ୍ଡା, ପ୍ରଶାନ୍ତ ପରିଡ଼ା, ଦେବେନ୍ଦ୍ର ଦାସ, ଅଭୟ ବେହେରା, ଶ୍ରୀଧର ସେଠୀ, ଅଜୟ ବାରିକ, ଶ୍ରୀନିବାସ ମଲ୍ଲିକ ପ୍ରମୁଖ ଶତାଧିକ ବନ୍ଧୁ ଏଥିରେ ସାମିଲ ହୋଇଥିଲେ।

# ଫାଇନାଲରେ ଅର୍ଦ୍ଧାଳିଆ ଟିମ୍‌କୁ ହରାଇଲା ସାନପଙ୍କି

## ସପନ, ବନ୍ଧନ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ଧୁଷୁରୀ,୧୨।୧ (ଦୀପ୍ତିରଞ୍ଜନ ନାୟକ)


ମୁଖ୍ୟଅତିଥି ଚାମ୍ପିୟନ ଟିମ୍‌କୁ ଟ୍ରଫି ପ୍ରଦାନ କରୁଛନ୍ତି।

ଚାନ୍ଦବାଲି ବ୍ଲକ ଅଧୀନ ଓଳଗ ପଡ଼ିଆରେ ସପନ, ବନ୍ଧନ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦଶରଥପୁର ବ୍ଲକର ଅର୍ଦ୍ଧାଳିଆ ଟିମ୍‌କୁ ହରାଇ ଚାନ୍ଦବାଲି ବ୍ଲକର ସାନପଙ୍କି ଚାମ୍ପିୟନ ହୋଇଛି। ଟସ୍ ଜିତି ସାନପଙ୍କି ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ୧୯୩ ରନ୍ କରିଥିଲା। ଅର୍ଦ୍ଧାଳିଆ ଟିମ୍ ନିର୍ଦ୍ଧାରିତ ଓଭରରେ ୧୦୫ ରନ୍ କରିଥିଲା। ସାନପଙ୍କିର ଅମିନ ଖାଁ ୩୩ ବଲ୍‌ରେ ୮୭ ରନ୍ କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ଅର୍ଦ୍ଧାଳିଆ ଟିମ୍‌ର ଅବିନାଶ ନାୟକ ମ୍ୟାନ୍ ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ। ଅମ୍ପାୟାର ଭାବେ କାହ୍ନା ଠାକୁର ଓ ପଦ୍ମଲୋଚନ ବାରିକ ମ୍ୟାଚ୍ ପରିଚାଳନା କରିଥିଲେ।

ଏହି ଉପଲକ୍ଷେ ଅନୁଷ୍ଠିତ କ୍ରୀଡ଼ା ସଭାରେ ସାମାଜିକ କର୍ମୀ ଅନନ୍ତ ସାହୁ ମୁଖ୍ୟଅତିଥି, କ୍ରୀଡ଼ାବିତ୍ ସନ୍ଦୀପ ନାୟକ, ସତ୍ୟପ୍ରକାଶ ନାୟକ ଓ ଅବସରପ୍ରାପ୍ତ ରାଜସ୍ୱ ନିରୀକ୍ଷକ ସୁରେନ୍ଦ୍ର ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଜୟୀ ଟିମ୍‌କୁ ଟ୍ରଫି ସହ ୧୦ ହଜାର ଟଙ୍କା ଓ ରନର୍ସଅପ୍ ଟିମ୍‌କୁ ୫ ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯାଇଛି। ତୁଷାର ନାୟକ, ରାଜନ ନାୟକ, ଆକାଶ ଦାସ, ଚନ୍ଦନ ନାୟକ, ବିନୟ ନାୟକ, ଜ୍ୟୋତିପ୍ରକାଶ ନାୟକ, ଶୁଭେନ୍ଦୁ ନାୟକ ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

# କୃତୀ ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧନା

ଭଣ୍ଡାରିପୋଖରୀ,୧୨।୧
(ରାଜେନ୍ଦ୍ର ଶତପଥୀ)

ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ୨ ବିଦ୍ୟାର୍ଥୀଙ୍କୁ ଭଣ୍ଡାରିପୋଖରୀ ଜେଏନ୍ ପବ୍ଲିକ୍ ସ୍କୁଲଠାରେ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଶିକ୍ଷାବିତ୍ ଗଦାଧର ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଧିର ତରାଇ, ଅନ୍ୟତମ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନଟବର ରାଉଳ, ପ୍ରତିଷ୍ଠାତା କ୍ଷୀରୋଦ ଜେନା, ଅବସରପ୍ରାପ୍ତ ଅଧ୍ୟାପକ ଅନାଦି ସାହୁ, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ କାନ୍ତାରାଣୀ ରାୟ ପ୍ରମୁଖ ଯୋଗଦେଇଥିଲେ। ବୃତ୍ତିପାଇଥିବା ବିଦ୍ୟାର୍ଥୀ ସାଇଶିବ୍ ପ୍ରଧାନ ଓ ଆରାଧ୍ୟା ଦାସଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅଧ୍ୟକ୍ଷା ମମତା ସାହୁ ସ୍ୱାଗତ ଭାଷଣ, ଶିକ୍ଷୟିତ୍ରୀ ସଂଯୁକ୍ତା ପ୍ରଧାନ ଅତିଥି ପରିଚୟ ପ୍ରଦାନ ଓ ସ୍ମୃତିପ୍ରଭା ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସୋନି ଜସୱାଲ, ରୋଜାଲିନ ପଣ୍ଡା, ସତ୍ୟଭାମା ନାୟକ ପ୍ରମୁଖ ପରିଚାଳନା କରିଥିଲେ।

# ସୁପର ଓଭରରେ ରାଇଜିଂ ଷ୍ଟୁଡେଣ୍ଟ କଟକ ଚାମ୍ପିୟନ

ଭଦ୍ରକ,୧୨।୧(ସନାତନ ରାଉତ)

## ଅଲ୍ ଓଡ଼ିଶା ମହାବୀର କପ୍ ଉଦ୍‌ଯାପିତ



ଚାମ୍ପିୟନ ଟିମ୍‌କୁ ଟ୍ରଫି ପ୍ରଦାନ କରାଯାଉଛି।

ଭଦ୍ରକ ଚରମ୍ପା ରେଲୱେ ପଡ଼ିଆରେ ଚାଲିଥିବା ଅଲ୍ ଓଡ଼ିଶା ମହାବୀର କପ୍ ରାଜେଶ ବଳ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ଟାଇ ହେବା ପରେ ସୁପର ଓଭରରେ ବିଜୟଲାଭ କରି ରାଇଜିଂ ଷ୍ଟୁଡେଣ୍ଟ କଟକ ଚଳିତବର୍ଷ ଚାମ୍ପିୟନ ହୋଇଛି। ରାଇଜିଂ ଷ୍ଟୁଡେଣ୍ଟ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୯.୪ ଓଭରରେ ୧୧୭ ରନ୍‌ରେ ଅଲ୍‌ଆଉଟ ହୋଇଯାଇଥିଲା। ୧୧୮ ରନ୍‌ରେ ବିଜୟ ଲକ୍ଷ୍ୟ ନେଇ ଇଷ୍ଟକୋଷ୍ଟ ରେଲୱେ ଭଦ୍ରକ ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ୍ ହରାଇ ୧୧୭ ରନ୍ କରି ମ୍ୟାଚ୍‌କୁ ଟାଇ କରିଥିଲା। ସୁପର ଓଭରରେ ଇଷ୍ଟକୋଷ୍ଟ ରେଲୱେ ପ୍ରଥମେ ବ୍ୟାଟିଂ କରିଥିବା ବେଳେ କୌଣସି ରନ୍ ନ କରି ୨ଟି ଉଇକେଟ୍ ହରାଇଥିଲା। ରାଇଜିଂ ଷ୍ଟୁଡେଣ୍ଟ କୌଣସି ଉଇକେଟ୍ ନ ହରାଇ ଚୌକା ମାରି ମ୍ୟାଚ୍ ଜିତି ନେଇଥିଲା।

ପୁରସ୍କାର ବିତରଣ ଉତ୍ସବରେ ତୋଷାଳୀ ସୁଜୁକୀର ସତ୍ତ୍ୱାଧିକାରୀ ଗୌରାଙ୍ଗ ଚନ୍ଦ୍ର ସାମଲ, ପୂର୍ବତନ ରଣଜୀ ଖେଳାଳି ବସନ୍ତ ମହାନ୍ତି ଓ ଅଶୋକ ଗୁପ୍ତା ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଏବଂ ରନର୍ସଅପ୍ ଦଳକୁ ଟ୍ରଫି, ପୁରସ୍କାର ରାଶି ପ୍ରଦାନ କରିଥିଲେ। ଅମ୍ପାୟାର ଭାବେ ଲଲାଟ କେଶରୀ ନନ୍ଦ ଓ ରଞ୍ଜନ ମହାନ୍ତି ମ୍ୟାଚ୍ ପରିଚାଳନା କରିଥିଲେ। ସ୍କୋରବୋର୍ଡରେ ଦାୟିତ୍ୱ ନିର୍ବାହ କରିଥିଲେ କରଣ ଖାନ୍। ଶ୍ରୀଧର ମିଶ୍ର, ମୃଣ୍ମୟ ତ୍ରିପାଠୀ, ବିଭୁଦତ୍ତ ନାୟକ, ଚନ୍ଦନ ନାୟକ ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ୩ ଘର ଭାଙ୍ଗିଲା ଦନ୍ତା

ପାଟଣା,୧୨।୧(ବୀର କିଶୋର ଦାଶ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜରେ ଶନିବାର ରାତିରେ ଦନ୍ତା ୩ ଘର ଭାଙ୍ଗିଛି। ପ୍ରଥମେ ଖିରେଇ ଟାଙ୍ଗିରୀ ସେକ୍ସନ ଡିଣ୍ଡା ବିଟ୍‌ରେ ଧାନ ଚାଉଳ ଖାଇବା ସହ ବେଲପଶି ଗ୍ରାମର କରୁଣା ନାଏକ, ଲକ୍ଷ୍ମୀପଶି ଗ୍ରାମର ତ୍ରିଲୋଚନ ମହାନ୍ତ, ବୁଢ଼ୀକାପୁଡି ଗ୍ରାମ ପାଣିଟାଙ୍କି କାନ୍ଥକୁ ଭାଙ୍ଗି ଦେଇଛି। ରବିବାର ସନ୍ଧ୍ୟାରେ ଦନ୍ତା ନିହୁଆ ଖେସେରା ଜଙ୍ଗଲରେ ଥିବା ବନପାଳ ପୂର୍ଣ୍ଣଚନ୍ଦ୍ର ମହାନ୍ତ କହିଛନ୍ତି।

### ଧର୍ମପରାୟଣାଙ୍କ ପରଲୋକ

କେନ୍ଦୁଝର/ଆନନ୍ଦପୁର,୧୨।୧(ନରେଶ ଚନ୍ଦ୍ର ପଟ୍ଟନାୟକ/ ସୁଶାନ୍ତ କୁମାର ସାହୁ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ପୌରପାଳିକା ଅନ୍ତର୍ଗତ ଫକିରପୁର ଗ୍ରାମର ସ୍ୱର୍ଗତ ଚକ୍ରଧର ପଣ୍ଡାଙ୍କ ସ୍ତ୍ରୀ ଧର୍ମପରାୟଣ ମହିଳା ତିଳତ୍ତୋମା ପଣ୍ଡାଙ୍କ ବାର୍ଦ୍ଧକ୍ୟ ଜନିତ ପରଲୋକ ଘଟିଛି। ମୃତ୍ୟୁ ଶର୍ଯ୍ୟା ନିକଟରେ ପୁତ୍ର, କନ୍ୟା, ଜ୍ୱାଇଁ, ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

### ବ୍ରହ୍ମାକୁମାରୀ ବଡ଼ବିଲ ଶାଖାର ବାର୍ଷିକ ଉତ୍ସବ

ଯୋଡ଼ା,୧୨।୧(ମାନସ ମହାନ୍ତି): ଜାତୀୟ ଯୁବ ଦିବସରେ ବ୍ରହ୍ମା କୁମାରୀ ବଡ଼ବିଲ ଶାଖା ପକ୍ଷରୁ ୧୭ତମ ବାର୍ଷିକ ଉତ୍ସବ ରବିବାର ପାଳିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ରବିନ୍ଦ୍ର ଦାସ, ପୂର୍ବତନ ଯୋଡ଼ା ପୌରପାଳିକା ନଗରପାଳ ତଥା ଏମ୍‌ପିଙ୍କ ପ୍ରତିନିଧି ରବୀନ୍ଦ୍ର ଦାସ, ମୁଖ୍ୟ ବକ୍ତାଭାବେ ବ୍ରହ୍ମା କୁମାରୀ କେନ୍ଦୁଝରର ନିର୍ଦ୍ଦେଶିକା ବିନ୍ଦୁ ଦିଦି ଏବଂ ସମ୍ମାନିତ ଅତିଥିଭାବେ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ ବି.କେ ପ୍ରତିଭା, ବଡ଼ବିଲ ଶାଖା ନିର୍ଦ୍ଦେଶିକା ବ୍ରହ୍ମା କୁମାରୀ ଜୟଶ୍ରୀ ଏବଂ ଘଟଗାଁ ଶାଖାର ନିର୍ଦ୍ଦେଶିକା କୁମାରୀ ତନୁଜା ଯୋଗଦାନ କରିଥିଲେ। ବିଭିନ୍ନ ନୃତ୍ୟ ଏବଂ ସଂଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ସ୍ଥାନରୁ ପ୍ରାୟ ୪୦୦ ଭଉଣୀ, ଭାଇ ଯୋଗଦାନ କରିଥିଲେ ଏବଂ ପ୍ରସାଦ ସେବନ ପରେ କାର୍ଯ୍ୟକ୍ରମ ଶେଷ ହୋଇଥିଲା।

# ୧୧ ଗ୍ରାମକୁ ଜଳ ଯୋଗାଣ ଠପ୍

ଯୋଡ଼ା,୧୨।୧(ମାନସ ମହାନ୍ତି)



■ପାଇପ୍ ଭାଙ୍ଗିଦେଲା କମ୍ପାନୀ
■ଚୁଆ ପାଣି ବ୍ୟବହାର କରୁଛନ୍ତି ଲୋକେ

କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକ୍ କାଳିମାଟି ଓ ବସନ୍ତପୁର ପଞ୍ଚାୟତବାସୀ ଜଳ ସଂକଟର ସମ୍ମୁଖୀନ ହେଉଛନ୍ତି। କମ୍ପାନୀ ପକ୍ଷରୁ ପାଇପ୍ ଲାଇନ୍ ବିଛା କାର୍ଯ୍ୟବେଳେ ବେପରୁଆ ଭାବେ କାର୍ଯ୍ୟ କରି ପାଣି ପାଇପ୍ ଭାଙ୍ଗିଦେଇଛି। ଫଳରେ ପଞ୍ଚାୟତ ଅଧୀନ ୧୧ ଗ୍ରାମର ଲୋକେ ପାଣି ଟୋପାଏ ପାଇଁ ତହଳବିକଳ ହେଉଛନ୍ତି। ଅନ୍ୟ ବ୍ୟବସ୍ଥା ନ ଥିବାରୁ ଚୁଆପାଣି ଉପରେ ନିର୍ଭର କରୁଥିବା ଦେଖିବାକୁ ମିଳିଛି। ଏ ନେଇ ବାରମ୍ବାର ଅଭିଯୋଗ ପରେ ବି ସୁଫଳ ମିଳୁ ନ ଥିବା ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ପ୍ରକାଶ ଯେ, ସରକାରଙ୍କ ମେଗା ପ୍ରକଳ୍ପ ଯୋଜନାରେ ଯୋଡ଼ା ବ୍ଲକ୍‌ର ବେଲଦାଠାରେ ପାନୀୟ ଜଳ ପ୍ରକଳ୍ପ ସ୍ଥାପିତ ହୋଇଛି। ଏଠାରୁ ହାଣ୍ଡିଭଙ୍ଗା ଓ କାଇଯୋଡ଼ାଠାରେ ଥିବା ଓଭର ହେଡ୍ ପାଣିଟାଙ୍କିକୁ ଜଳ ଯୋଗାଣ କରି ନିକଟସ୍ଥ ୧୧୫ ଗ୍ରାମର ଘରକୁ ପାଇପ୍ ଯୋଗେ ଜଳ ଯୋଗାଣ ହୋଇଥାଏ। କାଳୀମାଟି, ବସନ୍ତପୁର ପଞ୍ଚାୟତର ବିଭିନ୍ନ ଗ୍ରାମକୁ ପାନୀୟ ଜଳ ଯୋଗାଇ ଦିଆଯାଉଥିଲା। ମାତ୍ର କେତେକ କମ୍ପାନୀ ନିଜର ପାଇପ୍ ଲାଇନ ବିଛାଇବା ସମୟରେ ପ୍ରକଳ୍ପର ପାଇପ୍ ଭାଙ୍ଗି ଦେଇଛନ୍ତି। ଫଳରେ ୨ ମାସରୁ ଊର୍ଦ୍ଧ୍ୱ ସମୟ ସମ୍ପୂର୍ଣ୍ଣ ଜଳ ଯୋଗାଣ ବନ୍ଦ ରହିଛି। ନଈ ବୁଗାଠାରେ ପ୍ରକଳ୍ପର ପାଇପ ଲାଇନକୁ ୪ଟି ସ୍ଥାନରେ ପ୍ରାୟ ୧୫୦ ମିଟର ଦୂରତାର ପାଇପ୍‌କୁ ଭରଙ୍ଗି ଜମା କରି ରଖିଛନ୍ତି। ପାଇପ୍ ଲାଇନ ଫାଟିବା ଯୋଗୁ କେବଳ ବାମେବାରି ପର୍ଯ୍ୟନ୍ତ ଜଳ ଯୋଗାଣ ହୋଇପାରୁଛି। ସେଠାରୁ କାଳିମାଟି, ଖଜୁରଡ଼ିହି, ପୁରୁଣାଡିହି, ବସନ୍ତପୁର ପ୍ରଭୃତି ଅଞ୍ଚଳକୁ ଜଳ ଯୋଗାଣ ବନ୍ଦ ରହିଛି। ଫଳରେ ହାଣ୍ଡିଭଙ୍ଗା ଓଭର ଟ୍ୟାଙ୍କ ଉପରେ ନିର୍ଭର କରୁଥିବା ୬ ଓ କାଇଯୋଡ଼ା ଓଭର ଟ୍ୟାଙ୍କ ଉପରେ ନିର୍ଭର କରୁଥିବା ୫ ଗ୍ରାମର ଲୋକେ ପାନୀୟ ଜଳ ପାଇପାରୁନାହାନ୍ତି। ଜଳ ଯୋଗାଣ ବିଭାଗର ଅଧିକାରୀଙ୍କ ଉଦାସିନତା ଯୋଗୁ ଲୋକମାନେ ଚୁଆପାଣି ଉପରେ ନିର୍ଭର କରି ଚଳୁଥିବା ବସନ୍ତପୁରର କୀର୍ତ୍ତନ ମହାକୁଡ଼, ଗଙ୍ଗାଧର ବାରିକ, ନଈବୁଗା ଗ୍ରାମର ରାଜୁ ମୁଣ୍ଡା, କାଳୀମାଟିର ନନ୍ଦ କିଶୋର ବାରିକ, ଜାମ୍ବୁପାଣିର ଲକ୍ଷ୍ମଣ ଗିରି, ହାଣ୍ଡିଭଙ୍ଗାର ସନାତନ ବାରିକ, ରବୀନ୍ଦ୍ର ଖମାରିଆ, ଢୁକୁରା ମୁଣ୍ଡା ପ୍ରମୁଖ କହିଛନ୍ତି। ଏ ନେଇ ବାରମ୍ବାର ଜଳ ଯୋଗାଣ ବିଭାଗକୁ ଜଣାଇଲେ ମଧ୍ୟ କୌଣସି ଫଳ ମିଳିପାରୁ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ମେଗା ପ୍ରୋଜେକ୍ଟର କନିଷ୍ଠ ଯନ୍ତ୍ରୀ ଶୁଭେନ୍ଦୁ ନାୟକ କହିଛନ୍ତି, କମ୍ପାନୀ ନିଜର ପାଇପ୍ ଲାଇନ ବିଛାଇବା ବେଳେ ପ୍ରାୟ ୧୫ଟି ପାଇପକୁ ଭାଙ୍ଗି ଦେଇଛି, ଯାହାର ମୂଲ୍ୟ ପ୍ରାୟ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ। ରିଜୋଲଟ ପାଇଁ କମ୍ପାନୀକୁ ଚିଠି ପରେ ମରାମତି ଆରମ୍ଭ ହୋଇଛି। ଖୁବ୍‌ଶୀଘ୍ର କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଉକ୍ତ କମ୍ପାନୀ ପୂର୍ବରୁ ମଧ୍ୟ ଏହିପରି ବିଭାଗକୁ ନ ଜଣାଇ ପାଇପ୍ ବିଛାଇବା ବେଳେ ଫଟାଇବା କାରଣରୁ ବହୁ ଦିନ ପର୍ଯ୍ୟନ୍ତ ଜଳ ଯୋଗାଣ ବନ୍ଦ ରହିଥିଲା।

# ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ

**କେନ୍ଦୁଝରଗଡ଼ ପୌରପାଳିକା**
**ଦେଢ଼ ବର୍ଷ ହେବ ଟେଣ୍ଡର ହୋଇନି**

କେନ୍ଦୁଝର,୧୨।୧ (ନରେଶ ଚନ୍ଦ୍ର ପଟ୍ଟନାୟକ):

କେନ୍ଦୁଝରଗଡ଼ ପୌରପାଳିକାରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ବିଭିନ୍ନ ୱାର୍ଡରେ ନିୟମିତ ସଫେଇ ହେଉ ନ ଥିବାରୁ ଜୁଳୁଜୁଳ ଅଳିଆ ଜମା ହେଉଛି। ଏହାକୁ ନେଇ ଅଭିଯୋଗ କଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାନ୍ତି। ଫଳରେ ପରିମଳ ବ୍ୟବସ୍ଥାରେ ଏକ ପ୍ରକାର ଅଚଳାବସ୍ଥା ସୃଷ୍ଟି ହୋଇଛି। ସୂଚନାଯୋଗ୍ୟ, କେନ୍ଦୁଝରଗଡ଼ ପୌରପାଳିକା ଅଧୀନରେ ୨୧ ୱାର୍ଡ ରହିଛି। ପୂର୍ବରୁ ଟେଣ୍ଡର କରାଯାଇ ଭାଗ ଭାଗ କରି ୩ଟି ଠିକାସଂସ୍ଥାକୁ ସଫେଇ ଦାୟିତ୍ୱ ଦିଆଯାଉଥିଲା। ପରବର୍ତ୍ତୀ ସମୟରେ ଜଣେ ବାହାର ସଂସ୍ଥାକୁ ଦିଆଯିବା ପରେ ସଫେଇ କାର୍ଯ୍ୟର ସୁପରିଚାଳନା ହୋଇପାରିଲା ନାହିଁ। ଏପରିକି ପ୍ରତ୍ୟେକ ବର୍ଷ ଟେଣ୍ଡର ମାଧ୍ୟମରେ ଠିକାଦାର ଚୟନ ବ୍ୟବସ୍ଥା ଥିଲେ ହେଁ ୨୦୨୩ରେ ବିନା ଟେଣ୍ଡରରେ ପୂର୍ବରୁ କାମ କରୁଥିବା ସଂସ୍ଥାକୁ ଅହେତୁକ ଅନୁକମ୍ପା ପ୍ରଦର୍ଶନ କରାଯାଇଛି। ସଂସ୍ଥାର ମନମୁଖି କାମ ଯୋଗୁ ସହରର ପରିମଳ ବ୍ୟବସ୍ଥା ଦିନକୁ ଦିନ ବିଗିଡ଼ିବାକୁ ଲାଗିଛି। ଏପରିକି ୨୦୨୪ରେ ଟେଣ୍ଡର କରା ନ ଯାଇ ଏକ୍ସଟେନ୍‌ସନରେ କାମ ଚାଲିଛି। ତୁରନ୍ତ ଏ ନେଇ ପଦକ୍ଷେପ ଗ୍ରହଣ କରି ସହରର ସଫେଇ କାର୍ଯ୍ୟକୁ ଠିକ୍ ଭାବରେ କରିବା ପାଇଁ ଅଧିକ ଠିକା ସଂସ୍ଥାଗୁଡ଼ିକୁ ପୂର୍ବ ଭଳି ବିଭିନ୍ନ ଭାଗରେ ବିଭକ୍ତ କରିବାକୁ ଦାବି ହେଉଛି। ଅନ୍ୟପକ୍ଷେ ଠିକାସଂସ୍ଥାର ମାସିକ ବିଲ୍ ପ୍ରଦାନ ବେଳେ କାଉନ୍‌ସିଲରମାନଙ୍କ ସହମତି ଜରୁରୀ ହୋଇଥାଏ। ଅନେକ ୱାର୍ଡରେ ସଫେଇ କାର୍ଯ୍ୟ ଠିକ୍ ଭାବରେ ହେଉ ନ ଥିବାବେଳେ କାଉନ୍‌ସିଲରମାନେ କିଭଳି ସହମତି ପ୍ରଦାନ କରୁଛନ୍ତି ବୋଲି ସହରବାସୀ ସମାଲୋଚନା କରୁଛନ୍ତି। ସଫେଇ ବାବଦରେ ମାସିକ ୨୫ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିବାବେଳେ ପ୍ରକୃତପକ୍ଷେ କେତେ ସ୍ୱଚ୍ଛତା ରକ୍ଷା ହେଉଛି ତାହାର ଯାଞ୍ଚ ହେବା ଜରୁରୀ ବୋଲି ଦାବି ହେଉଛି। ଏ ନେଇ ପୌରନିର୍ବାହୀ ଅଧିକାରୀ ବସନ୍ତ କୁମାର ସେଠୀ କହିଛନ୍ତି, ଖୁବ୍‌ଶୀଘ୍ର ସଫେଇ ପାଇଁ ଟେଣ୍ଡର କରାଯିବ।

# ୧୫ରୁ ୨୫ତମ ବଡ଼ବିଲ ମହୋତ୍ସବ

**ମୁଖ୍ୟମନ୍ତ୍ରୀ ମହୋତ୍ସବକୁ ଉଦ୍‌ଘାଟନ କରିବେ**

ବଡ଼ବିଲ, ୧୨।୧(ଦେବପ୍ରିୟ ରଣା)

କେନ୍ଦୁଝର ଜିଲ୍ଲା ବଡ଼ବିଲରେ ଜାନୁଆରୀ ୧୫ରୁ ୪ ଦିନ ଧରି ୨୫ ତମ(ରୌପ୍ୟ ଜୟନ୍ତୀ) ବଡ଼ବିଲ ମହୋତ୍ସବ ଅନୁଷ୍ଠିତ ହେବ। ମୁଖ୍ୟ ଅତିଥିଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ମହୋତ୍ସବର ଉଦ୍‌ଘାଟନ କରିବେ। ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ କମିଟିର କାର୍ଯ୍ୟକାରୀ ସଭାପତି ଚନ୍ଦ୍ରଗୁପ୍ତ ପ୍ରସାଦ ସୂଚନା ଦେଇଛନ୍ତି। କମିଟିର କାର୍ଯ୍ୟକାରୀ ସଭାପତି, କାର୍ଯ୍ୟକାରୀ ସମ୍ପାଦକ ନୀଳମଣି ମହାନ୍ତ, କାର୍ଯ୍ୟକାରୀ ଯୁଗ୍ମ ସମ୍ପାଦକ ସ୍ୱାଧୀନ ରାୟ, ଅଶୋକ ପ୍ରଜାପତି ଓ ରାମୁ କର୍ମକାର ଉପସ୍ଥିତ ଥିଲେ।

ନୀଳମଣି ସୂଚନା ଦେଇ କହିଥିଲେ, ଆସନ୍ତା ୧୫ରୁ ୧୮ ତାରିଖ ପର୍ଯ୍ୟନ୍ତ ମହୋତ୍ସବ ଅନୁଷ୍ଠିତ ହେବ। ପ୍ରତ୍ୟହ ବିଭିନ୍ନ ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମମାନ ସକାଳ ୧୦ ଟାରୁ ରାତ୍ର ୧୦ଟା ପର୍ଯ୍ୟନ୍ତ ଆୟୋଜନ ବ୍ୟବସ୍ଥା କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ସମେତ କେନ୍ଦୁଝର ଏମ୍‌ପି ଅନନ୍ତ ନାୟକ, ଚମ୍ପୁଆ ବିଧାୟକ ସନାତନ ମହାକୁଡ, ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ, ତେଲକୋଇ ବିଧାୟକ ଡ. ଫକୀର ମୋହନ ନାଏକ ଉଦଘାଟନୀ ଉତ୍ସବରେ ଯୋଗଦେବେ। ଦ୍ୱିତୀୟ ଦିନରେ ଉଚ୍ଚଶିକ୍ଷା ବିଭାଗ, କ୍ରୀଡ଼ା, ସଂସ୍କୃତି ଏବଂ ଓଡ଼ିଆ ଭାଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ତୃତୀୟ ଦିନରେ କେନ୍ଦୁଝର ଜିଲାପାଳ ବିଶାଳ ସିଂହ, ଏସ୍‌ପି କୁଶଲକର ନିତୀନ ଦାଗୁଡ, ଡିଏଫ୍‌ଓ ଧନ୍‌ରାଜ ଏଚ୍‌ଡି, ଉଦ୍‌ଯାପନୀ ଉତ୍ସବରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ବଡବିଲ ପୌରାଧ୍ୟକ୍ଷ ଲକ୍ଷ୍ମଣ ମହାନ୍ତ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଉତ୍ସବରେ କୋରାପୁଟର ଢେମସା ନୃତ୍ୟ, ମାରାଥନ ରେସ, କେନ୍ଦୁଝରର କୃଷ୍ଣଲୀଳା ଲୋକନୃତ୍ୟ, ଗୋଟିପୁଅ ନୃତ୍ୟ, ସମ୍ବଲପୁରୀ, ଝୁମର, ଭାଙ୍ଗଡ଼ା ଆଦି ପରିବେଷିତ ହେବ। ଛାତ୍ରୀଛାତ୍ର ଓ ସ୍ଥାନୀୟ ଜନସାଧାରଣଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ବଡ଼ବିଲ ମହୋତ୍ସବ କମିଟିର ସଭାପତି ଚମ୍ପୁଆ ଉପ ଜିଲାପାଳ ଉମାକାନ୍ତ ପରିଡ଼ା ଓ ବଡ଼ବିଲ ପୌର ନିର୍ବାହୀ ଅଧିକାରୀ ରମେଶ ଚନ୍ଦ୍ର ନାୟକ ଖବରଦାତା ସମ୍ମିଳନୀରେ ଅନୁପସ୍ଥିତ ଥିଲେ।

### ବୈତରଣୀରେ ମକରବୁଡ଼ ପକାଇବେ ମୁଖ୍ୟମନ୍ତ୍ରୀ

ପାଟଣା,୧୨।୧(ବୀରକିଶୋର ଦାଶ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ କେନ୍ଦୁଝର ଜିଲା ପାଟଣା ମୁଖ୍ୟାଳୟକୁ ମକର ସଂକ୍ରାନ୍ତିରେ ଗସ୍ତ ରହିଛି। ଏହି ଅବସରରେ ବୈତରଣୀରେ ମକର ବୁଡ଼ ପକାଇବେ। ଏ ନେଇ ରବିବାର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଜ୍ୟୋର୍ତିମୟ ଭୁକ୍ତ, ଘଟଗାଁ ଏସ୍‌ଡିପିଓ ପ୍ରଭାତ ତ୍ରିପାଠୀ, ପାଟଣା ଥାନା ଅଧିକାରୀ ମାନସ ମହାକୁଡ଼ ପ୍ରମୁଖ ପରମେଶ୍ୱର ଶିବ ମନ୍ଦିର ସନ୍ନିକଟ ଅନୁସୟା ଘାଟ, ପରମେଶ୍ୱର ଓ ଆନନ୍ଦେଶ୍ୱର ଶିବ ମନ୍ଦିର ପରିଦର୍ଶନ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ପାଟଣା ଗସ୍ତ କାର୍ଯ୍ୟକ୍ରମ ରହିଛି। କିନ୍ତୁ ଚୂଡ଼ାନ୍ତ ଚିଠି ଆସି ନ ଥିବା ଜିଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ସାର୍ଥକ ରାୟ କହିଛନ୍ତି।

# ଡିଏନ୍ ହାଇସ୍କୁଲ ୧୯୮୩ ବ୍ୟାଚ୍‌ର ବନ୍ଧୁମିଳନ



କେନ୍ଦୁଝର,୧୨।୧(ଦୀପକ ମିଶ୍ର)

କେନ୍ଦୁଝରଗଡ଼ସ୍ଥ ଡିଏନ ହାଇସ୍କୁଲ ପରିସରରେ ୧୯୮୩ ବ୍ୟାଚର ବନ୍ଧୁମିଳନ ରବିବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବବର୍ଷ ପରି ଚଳିତବର୍ଷ ମଧ୍ୟ ଅତ୍ୟନ୍ତ ଆଡମ୍ବର ସହକାରେ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମେଳାପୀ ବନ୍ଧୁ ଶୁଭେନ୍ଦୁ ରାଉତରାୟଙ୍କ ଅକାଳମୃତ୍ୟୁ ପାଇଁ ଏକ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ସମସ୍ତେ ନିଜ ନିଜର ଅନୁଭୁତି ସାଙ୍ଗ ମେଳରେ ବାଣ୍ଟିଥିଲେ। କମଳ ମିଶ୍ର, ବିଜନ ବେହେରା, ନୀଳମାଧବ ମହାପାତ୍ର, ପ୍ରଭାକର ବେହେରା, ଦେବବ୍ରତ ମିଶ୍ର, ନବୀନ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ଖୋ ଖୋ ବିଶ୍ୱକପ୍ ପାଇଁ ଭାରତୀୟ ଦଳରେ ନୀଳଗିରି ଝିଅ

ନୀଳଗିରି, ୧୨।୧(ପ୍ରଶାନ୍ତ ବିଶ୍ୱାଳ)



ଶୁଭଶ୍ରୀ ସିଂ।

ନୂଆଦିଲ୍ଲୀସ୍ଥିତ ଇନ୍ଦିରାଗାନ୍ଧୀ ଷ୍ଟାଡ଼ିୟମ୍‌ରେ ଆସନ୍ତା ଜାନୁଆରୀ ୧୩ତାରିଖରୁ ଆରମ୍ଭ ହୋଇ ୧୯ରେ ଶେଷ ହେବାକୁ ଯାଉଥିବା ଖୋ ଖୋ ବିଶ୍ୱକପ୍ ପାଇଁ ମହିଳା ଦଳରେ ନୀଳଗିରି ଝିଅ ଶୁଭଶ୍ରୀ ସିଂ ଖେଳାଳି ଭାବେ ଭାରତୀୟ ଦଳରେ ଚୟନ ହୋଇଛନ୍ତି। ନୀଳଗିରି ଏନଏସି ଅଧୀନ ୩ ନମ୍ବର ୱାର୍ଡ ଶାଳବନ୍ଧ ଗ୍ରାମର ରବୀନ୍ଦ୍ର ସିଂ ଓ ସୀମା ସିଂଙ୍କର କନିଷ୍ଠ କନ୍ୟା ଶୁଭଶ୍ରୀ (୧୯)। ସେ ପିଲାବେଳୁ ଭୁବନେଶ୍ୱର କିସ୍‌ରେ ପଢୁଥିଲେ। ଏବେ ସେ ଯୁକ୍ତ ୩ ତୃତୀୟ ବର୍ଷ କଳା ଛାତ୍ରୀ ଅଟନ୍ତି। ଶୁଭଶ୍ରୀ ଅତୀତରେ ଖୋ ଖୋ ଖେଳି ରାଜ୍ୟ, ରାଜ୍ୟ ବାହାରୁ ପୁରସ୍କୃତ ହେବା ସହିତ ପ୍ରଶଂସିତ ହୋଇଥିଲେ। ମହିଳା ବିଶ୍ୱକପ୍ ପାଇଁ ଭାରତୀୟ ଦଳ ଘୋଷଣା ପରେ ଓଡ଼ିଶାରୁ ୨ଜଣ ମହିଳା ଖେଳାଳିଙ୍କ ନାମ ଘୋଷଣା ହୋଇଥିଲା। ଜବାହରଲାଲ୍ ନେହେରୁ ଷ୍ଟାଡ଼ିୟମ୍‌ରେ ଖେଳ ହୋଇଥିଲା। ସମ୍ଭାବ୍ୟ ତାଲିକାରେ ଓଡ଼ିଶାରୁ ୭ଜଣ ଖେଳାଳି ଥିଲା ବେଳେ ସମଗ୍ର ଦେଶରୁ ୬୦ଜଣ ଥିଲେ। ସେଥିମଧ୍ୟରେ ଶୁଭଶ୍ରୀଙ୍କ ନାମ ଥିବା ଘୋଷଣା ହୋଇଥିବା ଜାଣି ପରିବାର, ବନ୍ଧୁବାନ୍ଧବ ଓ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି।

# ଜାତୀୟ ଯୁବଦିବସରେ ସଭା, ଶୋଭାଯାତ୍ରା

ଖଇରା, ୧୨।୧(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଅଧୀନ ଖଇରା ବ୍ଲକର ବିଭିନ୍ନ ସ୍ଥାନରେ ଜାତୀୟ ଯୁବଦିବସ ପାଳିତ ହୋଇଯାଇଛି। ନଟାପଡା ସାଇ ପବ୍ଲିକ ସ୍କୁଲ, ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ଛାତ୍ରୀଛାତ୍ରମାନେ ବିଭିନ୍ନ ସ୍ଲୋଗାନ ଦେଇ ଶୋଭାଯାତ୍ରାରେ ଖଇରା ବଜାର ପରିକ୍ରମା କରିଥିଲେ। ସେହିଭଳି ସ୍ୱାମୀ ବିବେକାନନ୍ଦ ସେବା ସଂସ୍ଥାନର ମୁଖ୍ୟ ସତ୍ୟବ୍ରତ ନାରାୟଣ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଖଇରା ଦୁର୍ଗାମଣ୍ଡପରେ ବିବେକାନନ୍ଦଙ୍କ ଜୟନ୍ତୀ ପାଳିତହୋଇଯାଇଛି। ଏଥିରେ ବିଶ୍ୱହିନ୍ଦୁପରିଷଦର ବରିଷ୍ଠ କାର୍ଯ୍ୟକର୍ତ୍ତା ରାମଚନ୍ଦ୍ର ପଣ୍ଡା, ମାଗୁଣି ଭୁୟାଁ, ପୂର୍ଣ୍ଣଚନ୍ଦ୍ର ଜେନା, ଉମ୍ବରୁଧର ଜେନା, କୁମମଣି ଦେଇ ପ୍ରମୁଖ ଯୋଗଦେଇ ବିବେକାନନ୍ଦଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ।

# ପୁରୁଣା ଦିନର ସ୍ମୃତିକୁ ମନେପକାଇଲେ ଛାତ୍ରୀଛାତ୍ର

ବାହାନଗା, ୧୨।୧(ଅରୂପ୍ କୁମାର ଦାସ): ବାହାନଗା ବ୍ଲକ ଅଭଣା ପଞ୍ଚାୟତସ୍ଥିତ ଅଭଣା ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସ୍ମୃତିରେ ବାର୍ଷିକ ଉତ୍ସବ ଓ ପୁରାତନ ଛାତ୍ର ସଂସଦର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ବାର୍ଷିକ ସମ୍ମିଳନୀ ସଭା, ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ସହିତ ମନୋରଞ୍ଜନ ଧର୍ମୀ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଗ୍ରାମଦେବୀ ବ୍ରହ୍ମାଣୀଙ୍କଠାରୁ ଆଜ୍ଞାମାଳ ପ୍ରାପ୍ତି ଉଦ୍ଦେଶ୍ୟରେ ଶୋଭାଯାତ୍ରା କରାଯାଇଥିଲା। ଏହାପରେ ପୁରାତନ ଛାତ୍ରମାନଙ୍କୁ ନେଇ ଏକ ସଭା କରାଯାଇଥିଲା। ଏଥିରେ ଲକ୍ଷ୍ମୀକାନ୍ତ ବିଶ୍ୱାଳ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଡା. ରମେଶ ଚନ୍ଦ୍ର ମହାପାତ୍ର ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଡା. ବସନ୍ତ ଦାସ ଯୋଗଦେଇ ପିଲାଦିନର ସ୍ମୃତିକୁ ମନେପକାଇଥିଲେ। ରମଣୀକାନ୍ତ ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ପରେ ପୁରାତନ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବନ୍ଧୁମିଳନ ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ବିଦ୍ୟାଳୟର ବାର୍ଷିକ ଉତ୍ସବ ଉପଲକ୍ଷେ ଏକ ସଭା କରାଯାଇଥିଲା। ଏଥିରେ ପୁରାତନ ଛାତ୍ର ସଂସଦର ସଭାପତି ଅଜୟ କୁମାର ବିଶ୍ୱାଳ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଫକୀରମୋହନ ମେଡିକାଲ କଲେଜର ମେଡିଶନ୍ ବିଭାଗର ମୁଖ୍ୟ ଗଣେଶ୍ୱର ସେଠୀ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ପବିତ୍ର ପାଣିଗ୍ରାହୀ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ ସାଧୁଚରଣ ପରିଡା, ଅବସରପ୍ରାପ୍ତ ଜିଲା କୃଷି ଅଧିକାରୀ ଶ୍ରୀଧର ଦାସ, ରାଜୀବଗାନ୍ଧୀ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପ୍ରାଧ୍ୟାପକ ଡଃ ପ୍ରଶାନ୍ତ କୁମାର ନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଅବସରପ୍ରାପ୍ତ ଶିକ୍ଷକ ରମଣୀକାନ୍ତ ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ସମୟଶ୍ରୀଙ୍କୁ ସିଟିଜି ପ୍ରତିଭା, ଶୁଭମଙ୍କୁ ରତ୍ନ ସମ୍ମାନ

**ସିଟିଜି ଫାଉଣ୍ଡେଶନର ବାର୍ଷିକୋତ୍ସବ**

କେନ୍ଦୁଝର,୧୨।୧
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସହର ଉପକଣ୍ଠ ନଇଗାଁସ୍ଥିତ ଶିକ୍ଷା ନିକେତନଠାରେ ଘରୋଇ ଶିକ୍ଷାନୁଷ୍ଠାନ ସିଟିଜି ଫାଉଣ୍ଡେସନ'ର ୨୪ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ରୋଟାରୀ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ଯାଙ୍କସିସ ମହାପାତ୍ର, ମୁଖ୍ୟ ବକ୍ତାଭାବେ କେନ୍ଦୁଝରଗଡ଼ ପୌରପାଳିକା ଅଧ୍ୟକ୍ଷା ନିକୁ ସାହୁ, ସମ୍ମାନିତ ଅତିଥିଭାବେ ସ୍ୱେଚ୍ଛାସେବୀ ସଂଗଠନ ଶତାବ୍ଦୀର ନିର୍ଦ୍ଦେଶକ ସଂଗ୍ରାମ ଦାସ, ସିଟିଜି ସମ୍ପାଦିକା ସୁଭଦ୍ରା ପଲେଇ ପ୍ରମୁଖ ଯୋଗଦେଇଥିଲେ। ଚେୟାରମ୍ୟାନ ରାଜେନ୍ଦ୍ର ପଲେଇ ସଭାପତିତ୍ୱ ଅଭିଭାଷଣ ଦେଇଥିଲେ। ଅତିଥିମାନେ ଉପସ୍ଥାପିକା ସମୟଶ୍ରୀ ଚାଟାର୍ଜୀଙ୍କୁ ସିଟିଜି ପ୍ରତିଭା ସମ୍ମାନ-୨୦୨୪ ଏବଂ ଓଡ଼ିଶା କ୍ରିକେଟ ଦଳର ଯୁବ କ୍ରିକେଟ୍‌ର ଶୁଭମ ପ୍ରିୟଦର୍ଶୀଙ୍କୁ 'ସିଟିଜି ରତ୍ନ- ୨୦୨୪' ସମ୍ମାନରେ ସମ୍ବର୍ଦ୍ଧିତ କରିଥିଲେ। ଅଧାପିକା ପୂଜା ଅର୍ଚ୍ଚନା ମିଶ୍ର ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟକ୍ଷ ମାନସ ରଞ୍ଜନ ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଅଧାପକ ଶଶିକାନ୍ତ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

# ସାମାଜିକ ଅନୁଷ୍ଠାନ ଶ୍ରୀରାମ ଟ୍ରଷ୍ଟ ଉଦ୍‌ଘାଟିତ

ବଉଳା/ଛେନାପଦି,୧୨।୧(ଦୁର୍ଗା ପ୍ରସାଦ ଆୟଚ/ ନିରାକାର ପରିଡ଼ା)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍‌ର ଓରାଳିରେ ସାମାଜିକ ଅନୁଷ୍ଠାନ ଶ୍ରୀରାମ ଟ୍ରଷ୍ଟର ରବିବାର ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥିଭାବେ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ସମ୍ମାନିତ ଅତିଥିଭାବେ ଆନନ୍ଦପୁର ଉପ ଜିଲାପାଳ ଫାଲ୍‌ଗୁନୀ ମାଝୀ, ଏସ୍‌ଡିପିଓ ପ୍ରଶାନ୍ତ ବେହେରା, ପ୍ରଥମ ଏନ୍‌ଜିଓର ଡିଆରଜି ପ୍ରହଲ୍ଲାଦ ପ୍ରଧାନ, ନନ୍ଦିପଦା ଥାନା ଅଧିକାରୀ ରବିନ୍ଦ୍ର ପାତ୍ର, ଓରାଳି ଗୋପାଳ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅନୀଲ ସିଂହ, ଓରାଳ ସରପଞ୍ଚ ହରିଶ୍ଚନ୍ଦ୍ର ଜେନା, ସାମାଜିକକର୍ମୀ ସୁଧାଂଶୁ ଦକ୍ଷିଣରାୟ, ଟ୍ରଷ୍ଟର ସଭାପତି ରମେଶ ଚନ୍ଦ୍ର ସେଠୀ, ସମ୍ପାଦକ ରାଜୀବ ସାହୁ ଯୋଗଦେଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ଅସହାୟଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା। ଏଥିସହ ଭୂମିକା ଚକ୍ଷୁ ହସ୍ପିଟାଲ ଯାଜପୁର ଓ ଶ୍ରୀରାମ ଟ୍ରଷ୍ଟର ମିଳିତ ସହଯୋଗରେ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମରେ ଅତିଥିଭାବେ ପୂର୍ବତନ ପିସିସି ସଭାପତି ତଥା ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ ଓ ଜୟଦେବ ଜେନା ଯୋଗଦେଇଥିଲେ।

# ଏମ୍‌କେସି ହାଇସ୍କୁଲର ବାର୍ଷିକୋତ୍ସବ

ବାରିପଦା,୧୨।୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)- ବାରିପଦାସ୍ଥିତ ସର୍ବ ପୁରାତନ ଏମ୍‌କେସି ହାଇସ୍କୁଲର ବାର୍ଷିକ ଉତ୍ସବ 'ସାଫଲ୍ୟ' ୨୦୨୪-୨୫ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ବାସନ୍ତୀ ଟୁଡୁଙ୍କ ପୌରହିତ୍ୟରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଧାୟକ ପ୍ରକାଶ ସୋରେନ, ମୁଖ୍ୟ ବକ୍ତା ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ବିଶେଷ ଅତିଥି ଭାବେ ଅତିରିକ୍ତ ପୋଲିସ ଆରକ୍ଷୀ ଅଧୀକ୍ଷକ ଦୀପକ କୁମାର ଗୋଛାୟତ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ପୁରାତନ ଛାତ୍ର ସଂସଦର ସଭାପତି ପୂର୍ଣ୍ଣେନ୍ଦୁ ଦାସ ଯୋଗ ଦେଇଥିଲେ। ଶିକ୍ଷକ ଲକ୍ଷ୍ମୀ ନାରାୟଣ ମହାନ୍ତଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଶିକ୍ଷୟିତ୍ରୀ ଗାୟତ୍ରୀ ପୃଷ୍ଟି ଅତିଥି ପରିଚୟ ପ୍ରଦାନ ଓ ପ୍ରଧାନ ଶିକ୍ଷୟିତ୍ରୀ ଟୁଡୁ ବର୍ଷିକ ବିବରଣୀ ପାଠ କରିଥିଲେ। ପୁରାତନ ଛାତ୍ରମାନଙ୍କ ଦ୍ୱାରା ପ୍ରଦତ୍ତ ପୁରସ୍କାର କୃତୀ ଛାତ୍ରୀଛାତ୍ରମାନଙ୍କୁ ପ୍ରଦାନ କରା ଯାଇଥିଲା। ପୁରସ୍କାର ବିତରଣ ସମାରୋହ, ମଞ୍ଚ ପରିଚାଳନା, ସାଂସ୍କୃତିକ କାର୍ଯକ୍ରମ ସଂଯୋଜନା ଶିକ୍ଷୟିତ୍ରୀ ଶିକ୍ଷକ କୁଞ୍ଜବାଳା ମହାନ୍ତ, ଶାନ୍ତନୁ କୁମାର ଦାସ, ବୁଧିରାମ ସିଂହ, ପୁଷ୍ପଲତା ସାହୁ, ଗାୟତ୍ରୀ ବେହେରା, ସୋନାଲି ପରିଡ଼ା, ଜଗନ୍ନାଥ ସୁତାର, ଗାୟତ୍ରୀ ବେହେରା, ଫାରା ସୁରୁର, ପ୍ରବୀଣ ଚାନ୍ଦ ପ୍ରମୁଖ ସକ୍ରିୟ ଭାବେ ସାମିଲ ହୋଇଥିଲେ। ପୁରାତନ ଛାତ୍ର ସଂସଦର ଉପଦେଷ୍ଟା ମାନସ ଷଡ଼ଙ୍ଗୀ, ସମ୍ପାଦକ ରଞ୍ଜନ ବାନାର୍ଜୀ, ସହ ସମ୍ପାଦକ ରବୀନ୍ଦ୍ର ନାଥ ସାହୁ, ଶାନ୍ତନୁ ପାଢ଼ୀ, ପ୍ରଦୀପ କିଶୋର ମହାନ୍ତି, ସର୍ବୋତଶ ଦାସ, ହରିଶ ଷଡ଼ଙ୍ଗୀ ପ୍ରମୁଖ ସହଯୋଗ କରିଥିଲେ। ଶିକ୍ଷକ ରାଜୀବ ଲୋଚନ ଜେନା ଧନ୍ୟବାଦ ଦେଇଥିଲେ।

# ଯୁବକଙ୍କ ମୃତଦେହ ଜବତ

ମୋରଡ଼ା,୧୨।୧(ସ୍ମାରକ ମାଜୀ)- ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ପୋଲିସ ଝୁଲନ୍ତା ଅବସ୍ଥାରେ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ମୃତ ଯୁବକ ଜଣକ ହେଲେ ଉକ୍ତ ଥାନା ଅଧୀନ ପଳାସମୁଣ୍ଡୁଳି ପଞ୍ଚାୟତ ଖୁରୁଣ୍ଟିଆ ଗ୍ରାମର ରତିକାନ୍ତ ସିଂ।

ସୂଚନା ଅନୁଯାୟୀ, ରତିକାନ୍ତ ଶନିବାର ଅପରାହ୍ନରୁ ଘରୁ ବାହାରି କୁଆଡ଼େ ପଳାଇଥିଲେ। ପରିବାର ଲୋକେ ଖୋଜାଖୋଜି କରିବା ପରେ ମଧ୍ୟ ତାଙ୍କୁ ପାଇ ନ ଥିଲେ। ରବିବାର ସକାଳେ ନିଛାଟିଆ ସ୍ଥାନରେ ଥିବା ଏକ ଛାତନା ଗଛରେ ପ୍ଲାଷ୍ଟିକ ଦଉଡ଼ିରେ ତାଙ୍କ ମୃତଦେହ ଝୁଲୁଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ମୋରଡ଼ା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବାରିପଦାସ୍ଥିତ ପଣ୍ଡିତ ପିଆର୍‌ଏମ୍ ମେଡିକାଲକୁ ପଠାଇଛି। ଏନେଇ ଥାନାରେ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୨/୨୫) ରୁଜୁ ହୋଇଛି।

# 'ନିଜ ଦକ୍ଷତାକୁ ଚିହ୍ନି ପ୍ରଚେଷ୍ଟା କଲେ ସଫଳତା ମିଳିବ'

**କୁସୁମିତା ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ**

କେନ୍ଦୁଝର,୧୨।୧(ନରେଶ ଚନ୍ଦ୍ର ପଟ୍ଟନାୟକ)

ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ କେନ୍ଦୁଝର ଜିଲା ସଦରଠାରେ ଅବସ୍ଥାପିତ କୁସୁମିତା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଜୟନ୍ତ ସାମନ୍ତସିଂହାରଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ମହେନ୍ଦ୍ର ସାହୁ, ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ଶିକ୍ଷକ ରମାକାନ୍ତ ମହାନ୍ତ, ଏସ୍‌ଏମ୍‌ଡିସି ଅଧ୍ୟକ୍ଷ ମନସା ପ୍ରସାଦ ହେମ୍ବ୍ରମ, ଏସ୍‌ଏମ୍‌ସି ଅଧ୍ୟକ୍ଷ ସଞ୍ଜୟ ମୁଣ୍ଡା, ମୁଖ୍ୟ ବକ୍ତାଭାବେ ବେଲଦସ୍ଥିତ ସନ୍ତୋଷୀ ମା' ଆଞ୍ଚଳିକ ମହାବିଦ୍ୟାଳୟର ଅର୍ଥନୀତି ବିଭାଗ ଅଧ୍ୟାପକ ଅମୀୟ ସାମନ୍ତରା ଯୋଗଦେଇ ନିଜ ଭିତରେ ଥିବା ଦକ୍ଷତାକୁ ଚିହ୍ନି ନିରନ୍ତର ପ୍ରଚେଷ୍ଟା କଲେ ଜୀବନରେ ନିଶ୍ଚୟ ସଫଳତା ମିଳିପାରିବ ବୋଲି ଉପଦେଶ ଦେଇଥିଲେ। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦ୍ୱିତୀକୃଷ୍ଣ ସାହୁ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତୀ ଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଅନିରୁଦ୍ଧ ମହାନ୍ତ, ଶିକ୍ଷୟିତ୍ରୀ ସ୍ୱାଗତିକା ସାହୁ, ବିଭାବରୀ ମହାନ୍ତ, ଫାଲଗୁନୀ ନାଏକ, ଶତାବ୍ଦୀ ଚିନ୍ମୟୀ ବେହେରା, କର୍ମଚାରୀ ଜଗବନ୍ଧୁ ସାହୁ, ରାଜଲାଲ ହେମ୍ବ୍ରମ, ମେଟ୍ରନ ସସ୍ମିତା ରାଉତ, ଉର୍ମିଳା ଦେହୁରୀ ପ୍ରମୁଖ ସହଯୋଗ କରିଥିଲେ। ଶିକ୍ଷକ ଅଶୋକ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ଆଶ୍ରମ ବିଦ୍ୟାଳୟର ବାର୍ଷିକୋତ୍ସବ



ଜଣେ କୃତୀ ଛାତ୍ରଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରୁଛନ୍ତି।

ମୋରଡ଼ା,୧୨।୧(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ଚିକିଟାମାଟିଆ ପଞ୍ଚାୟତର ବ୍ରାହ୍ମଣମରା ଆଶ୍ରମ ବିଦ୍ୟାଳୟର ସପ୍ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଶୋଭା ମାର୍ଣ୍ଡିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ପ୍ରଫୁଲ୍ଲ କୁମାର ସେଠୀ, ବ୍ଲକ ଗୋଷ୍ଠୀ ମଙ୍ଗଳ ଅଧିକାରୀ ହରିରାମ ମୁର୍ମୁ,ସମ୍ମାନିତ ଅତିଥିଭାବେ ଚିକିଟାମାଟିଆ ସରପଞ୍ଚ ବାର୍ସା ହେମ୍ବ୍ରମ,ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ଚନ୍ଦ୍ରମୋହନ ମାର୍ଣ୍ଡି ପ୍ରମୁଖ ମଞ୍ଚାସୀନ ରହି ଛାତ୍ରୀଛାତ୍ର କିପରି ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ି ଅଞ୍ଚଳରେ ସୁନାମ ଅର୍ଜନ କରି ପାରିବେ ସେ ବାବଦରେ ଛାତ୍ରୀଛାତ୍ରଙ୍କୁ ଉପଦେଶ ଦେଇଥିଲେ । ଶେଷରେ ବାର୍ଷିକ ଉତ୍ସବ ଉପଲକ୍ଷେ ପୂର୍ବରୁ ଅନୁଷ୍ଠିତ ହୋଇଥିବା ବିଭିନ୍ନ ଖେଳ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶିକ୍ଷୟିତ୍ରୀ ସୀମାରାଣୀ ଭଞ୍ଜ, ଦେବଶ୍ରୀ ନନ୍ଦ, ଟିଙ୍କୁଲତା ଜେନା, ଶିକ୍ଷକ ଗୋପାଳ ବାସ୍କେ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## କଳାଘରଠାରେ ପୁରସ୍କାର ବିତରଣ ଉତ୍ସବ

ସୋର, ୧୨।୧(ଜନ୍ମେଜୟ ମିଶ୍ର): ସ୍ୱାମୀ ବିବେକାନନ୍ଦ ଜୟନ୍ତିଥିରେ ସୋର କଳା ଘରଠାରେ ଏକ ପୁରସ୍କାର ବିତରଣ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ରାଜ୍ୟ ପ୍ରମୁଖ ତଥା କଳା ଘର ଅଧ୍ୟକ୍ଷ ରାଜବଲ୍ଲଭ ସାହୁ ଅଧ୍ୟକ୍ଷତା କରିଥିଲେ। ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ର ବାଲେଶ୍ୱର ଜିଲା ସମ୍ପାଦକ ରାମଚନ୍ଦ୍ର ପୃଷ୍ଟି ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟଅତିଥି ଭାବେ ଉପେନ୍ଦ୍ର ନାଥ ବିଦ୍ୟାଳୟର ଗଣିତ ଅଧ୍ୟାପକ ମାନସ ରଞ୍ଜନ ପଣ୍ଡା ଓ ମୁଖ୍ୟବକ୍ତା ଭାବେ ଜମ୍ମେଶର ମହାବିଦ୍ୟାଳୟ ରସାୟନ ବିଜ୍ଞାନ ଅଧ୍ୟାପକ ପ୍ରତାପ କୁମାର କର ଯୋଗଦେଇ ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶ , ଭାରତୀୟ ସଂସ୍କୃତି ଓ ପରମ୍ପରା ବିଶ୍ୱ ଦରବାରରେ କିପରି ପହଞ୍ଚିପାରିଛି, ସବିଶେଷ ଆଲୋଚନା କରିଥିଲେ। ସଂଯୋଜକ ମନୋଜ କୁମାର ଜେନା ବକ୍ତବ୍ୟ ପ୍ରଦାନ କରିଥିଲେ। ଚିତ୍ରାଙ୍କନରେ ବିଜେତା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ସଭାକୁ ଶିଳ୍ପୀ ଅରୋ ଆଶିଷ ବଲ୍ଲଭ ସାହୁ ଏବଂ କନ୍ୟାଶ୍ରମର ଶିକ୍ଷୟିତ୍ରୀ ସୁଲୋଚନା ଜେନା ପରିଚାଳନା କରିଥିଲେ। କଳା ଘର ମୁଖ୍ୟ ଦୀପ୍ତିରାଣୀ ଦଣ୍ଡପାଟ ଧନ୍ୟବାଦ ଅର୍ପଣ କରିଥିଲେ।

# ଛାତ୍ରୀଛାତ୍ର ବାଣ୍ଟିଲେ ସଚେତନତା ବାର୍ତ୍ତା

### ସରିଲା ଦ୍ୱି-ଦିବସୀୟ ସାମୁଦାୟିକ କାର୍ଯ୍ୟକ୍ରମ



ସାମୁଦାୟିକ କାର୍ଯ୍ୟକ୍ରମରେ ସାମିଲ ଛାତ୍ରୀଛାତ୍ର ଓ ପ୍ରାଧ୍ୟାପିକା ପ୍ରାଧ୍ୟାପକ।

ବାଲେଶ୍ୱର, ୧୨।୧(ବାଞ୍ଛାନିଧି ଦେ)

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ ସ୍ନାତକୋତର ଶିକ୍ଷା ବିଭାଗ ଆନୁକୂଲ୍ୟରେ ମର୍ଦ୍ଦରାଜପୁର ଗ୍ରାମରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନରେ ଦ୍ୱି-ଦିବସୀୟ ସାମୁଦାୟିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୁଳସଚିବ କୁକୁମୀନା ଦାସ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସ୍ନାତକୋତ୍ତର ଶିକ୍ଷା ବିଭାଗର ମୁଖ୍ୟ ପ୍ରଫେସର ଅମୂଲ୍ୟ କୁମାର ଆଚାର୍ଯ୍ୟଙ୍କ ସମେତ ସମସ୍ତ ପ୍ରାଧ୍ୟାପିକା, ପ୍ରାଧ୍ୟାପକ ଏବଂ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଇଣ୍ଟିଗ୍ରେଟେଡ୍ ବିଏଡ୍-ଏମ୍ଏଡ୍ ଶିକ୍ଷାକ୍ରମର ଦ୍ୱିତୀୟ ବର୍ଷର ଛାତ୍ରୀଛାତ୍ର ଘର ଘର ବୁଲି ଗ୍ରାମବାସୀଙ୍କୁ ସଚେତନତା ବାର୍ତ୍ତା ପ୍ରଦାନ କରିବା ସହ ବୃକ୍ଷରୋପଣ କରିଥିଲେ। ଏଥିସହ ବିଦ୍ୟାଳୟ କ୍ଷେତ୍ର ଓ ମନ୍ଦିର ପରିସର ସଫା କରିବା, ବିଭିନ୍ନ ରୋଗ, ସାକ୍ଷରତା, ସ୍ୱାସ୍ଥ୍ୟ ଏବଂ ପରିମଳ ସମ୍ବନ୍ଧୀୟ ସଚେତନତା ରାଲିର ଆୟୋଜନ, ସ୍ୱଚ୍ଛ ଭାରତ ଅଭିଯାନ, ବେଟି ବଚାଓ ବେଟି ପଢ଼ାଓ, କୌଶଳ ଭାରତ କୁଶଳ ଭାରତ, ପଥପ୍ରାନ୍ତ ନାଟକ ପ୍ରଦର୍ଶନ, ଡେଙ୍ଗୁ ସଚେତନତା, ପ୍ରଥମ ସହାୟତା ସତର୍କତା, ପରିବେଶ ସଂରକ୍ଷଣ, ସ୍ୱାସ୍ଥ୍ୟ ଏବଂ ପରିମଳ ବିଷୟରେ ସଚେତନତା, ବିଦ୍ୟାଳୟରୁ ଡ୍ରପ୍ ଆଉଟଙ୍କୁ ଚିହ୍ନଟ ପାଇଁ ଅଭିଭାବକଙ୍କ ସହିତ କାଉନସେଲିଂ, ମାତାପିତାଙ୍କ ସାମାଜିକ-ଅର୍ଥନୈତିକ ଏବଂ ଶିକ୍ଷାଗତ ସ୍ଥିତି ଉପରେ ସର୍ଭେ, ପିଲାମାନଙ୍କର ଶିକ୍ଷା ପ୍ରତି ମାତାପିତାଙ୍କ ମନୋଭାବ ଉପରେ ସର୍ଭେ, ସାକ୍ଷରତା / ବଜ୍ରପାତ ଉପରେ ନାଟକ ପରିବେଷଣ, ଡିଜିଟାଲ ସାକ୍ଷରତା ଉପରେ ସଚେତନତା ବାର୍ତ୍ତା, ବ୍ୟାଙ୍କ ସମ୍ବନ୍ଧିତ ସାକ୍ଷରତା ଏବଂ ବୟସ୍କଙ୍କ ଶିକ୍ଷା ସଚେତନତା, ବିଦ୍ୟାଳୟ ଓ ଗୋଷ୍ଠୀର ସଦସ୍ୟଙ୍କ ସହିତ ଜାଗୃତ କାର୍ଯ୍ୟକଳାପ ଆଦି ଅନ୍ତର୍ଭୁକ୍ତ କରାଯାଇଥିଲା। ଏଥିସହ ଗୋଷ୍ଠୀର ସଦସ୍ୟଙ୍କୁ ଉଦ୍ଭିଦ ଓ ପୋଷାକ ବଣ୍ଟନ ମଧ୍ୟ କରାଯାଇଥିଲା। ସ୍ନାତକୋତ୍ତର ଶିକ୍ଷା ବିଭାଗର ପ୍ରାଧ୍ୟାପିକା ରଶ୍ମିତା ତାଡ଼, ପ୍ରଗତିକା ସିଂ ଓ ପ୍ରାଧ୍ୟାପକ ଭୂପାଳ ଭାଣ୍ଡାରି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉଦ୍‌ଯାପନୀ ସଭାରେ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା, ନୂଆପାଢ଼ୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗୋପାଳ ଶିଅଳ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ।

## ପୋଲିସ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା



ଖଇରା ପୋଲିସ ଓ ଖଇରା କଲେଜ ଏନସିସି ୟୁନିଟର ମିଳିତ ଉଦ୍ୟମରେ ଅନୁଷ୍ଠିତ ସଚେତନତା ଶୋଭାଯାତ୍ରା।

ଖଇରା, ୧୨।୧(ଉତ୍କଳବନ୍ଧୁ ପଣ୍ଡା)

ସଡ଼କ ସୁରକ୍ଷା ମାସ ପାଳନ ଅବସରରେ ଖଇରା ପୋଲିସ ଓ ଖଇରା ମହାବିଦ୍ୟାଳୟ ଏନସିସି ୟୁନିଟର ମିଳିତ ସହଯୋଗରେ ଶନିବାର ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଖଇରା ମହାବିଦ୍ୟାଳୟ ପରିସରରେ ଲେଫ୍ଟନାଣ୍ଟ ଡ. ଉଦୟରଞ୍ଜନ ଦାସଙ୍କ ପୌରୋହିତ୍ୟରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଖଇରା ଥାନା ଅଧିକାରିଣୀ ମୌସୁମୀ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଦ୍ରୁତ ଗତି ମହାବିପତ୍ତି ଆଣି ଦେଇଥାଏ। ଏଣୁ ଗାଡି ଚାଳନା ବେଳେ ସାବଧାନତା ଅବଲମ୍ବନ କରି ହେଲମେଟ ବ୍ୟବହାର କରି ଗାଡି ଚଳାଇବାକୁ ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ। ଏସ୍ଆଇ ରଙ୍ଗବଲ୍ଲଭ ସ୍ୱାଇଁ ଓ ଅଧ୍ୟାପକ ସୁନୀଲ କୁମାର ମହାନ୍ତି ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ଡ. ସୁଜିତ କୁମାର ଛାଟିଆ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଖଇରା ପୋଲିସ ଏବଂ ଏନସିସି ୟୁନିଟ ଛାତ୍ରୀଛାତ୍ରମାନଙ୍କ ମିଳିତ ଉଦ୍ୟମରେ ଏକ ଶୋଭାଯାତ୍ର ଖଇରା କଲେଜ ଛକରୁ ବାହାରି ତୋରାଣିପଦା ପର୍ଯ୍ୟନ୍ତ ଯାଇଥିଲା। ଏଏସ୍ଆଇ ଗୌରହରି ବୁଗୁଡେଇ ଓ ହାବିଲଦାର ରାହାସ କୁମାର ପାଣ୍ଡିଆ ପ୍ରମୁଖ ସହଯୋଗ କରିଥିଲେ।

## ସରିଲା ଗୋପାଳପୁର ମହୋତ୍ସବ 'କିସ୍'



ବାହାନଗା, ୧୨।୧( ଅରୂପ କୁମାର ଦାସ) ବାହାନଗା ବ୍ଲକ ଗୋପାଳପୁରଠାରେ ଗତ ୨ତାରିଖରେ ଉଦ୍‌ଘାଟିତ ଗୋପାଳପୁର ମହୋତ୍ସବ 'କିସ୍-୨୦୨୫' ଶୁକ୍ରବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ୭ମ ସନ୍ଧ୍ୟାରେ ବିଧାନସଭାର ଉପ ମୁଖ୍ୟସଚେତକ ଗୋବିନ୍ଦ ଚନ୍ଦ୍ର ଦାସ ଯୋଗଦେଇ ମହୋତ୍ସବକୁ କିପରି ସରକାରୀ ସହାୟତା ମିଳିବ ସେ ବାବଦରେ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ସୋର ପୂର୍ବତନ ବିଧାୟକ ପର୍ଶୁରାମ ଧଡ଼ା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ବକ୍ତା ଭାବେ ବ୍ଲକ ଅଧ୍ୟକ୍ଷ ବିଶ୍ୱନାଥ ମିଶ୍ର, ମୁଖ୍ୟବକ୍ତା ଭାବେ ସଙ୍ଗୀତ ନିର୍ଦ୍ଦେଶକ ଟୁଟୁ ପଟ୍ଟନାୟକ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିକାଶ ଶତପଥି, ସମ୍ପାଦକ ସତ୍ୟନାରାୟଣ ଦାଶ, ଶ୍ୟାମବନ୍ଧୁ ପଣ୍ଡା, କୋଷାଧ୍ୟକ୍ଷ ସୁଧାକର ଆଚାର୍ଯ୍ୟ, କୁରୁଡା ପଞ୍ଚାୟତ ସରପଞ୍ଚ ମିନତୀ ବାରିକ ଓ ପୀତାମ୍ବର ଖିଲାର ପ୍ରମୁଖ ଉପସ୍ଥିତ ଥିଲେ।

## ଗଦାଧର ଥିଲେ ଜଣାଶୁଣା ଜନନେତା

ବାଲିଆପାଳ(ଗୋପାଳ ଚନ୍ଦ୍ର ସାହୁ)/କାଳିପଦା(ରାଜଶ୍ରୀ ପାଣିଗ୍ରାହୀ), ୧୨।୧

ବାଲିଆପାଳ ବ୍ଲକ ପଞ୍ଚୁପାଳି ହାଟପଡ଼ିଆଠାରେ ରବିବାର ଅବସରପ୍ରାପ୍ତ ଶିକ୍ଷକ ଧୀରେନ୍ଦ୍ର ହାଜିରାଙ୍କ ସଭାପତିତ୍ୱରେ ଜଳେଶ୍ୱର ପୂର୍ବତନ ବିଧାୟକ ସ୍ୱର୍ଗତ ଗଦାଧର ଗିରିଙ୍କ ୩୮ତମ ଶ୍ରାଦ୍ଧବାର୍ଷିକ ପାଳିତ ହୋଇଯାଇଛି। ଗଦାଧର ଗିରି ସ୍ମୃତି ବିକାଶ ପରିଷଦ ଓ ପଞ୍ଚୁପାଳି ବଜାର କମିଟିର ମିଳିତ ସହଯୋଗରେ ଅନୁଷ୍ଠିତ ଶ୍ରାଦ୍ଧବାର୍ଷିକରେ ସରକାରୀ ଦଳର ମୁଖ୍ୟ ସଚେତକ ପ୍ରଭାତ କୁମାର ତ୍ରିପାଠୀ, ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି, ବସ୍ତା ବିଧାୟିକା ସୁବାସିନୀ ଜେନା, ନିର୍ଭୟର ସମ୍ପାଦକ ନବୀନ ଦାସ, ହାସ୍ୟ କଳାକାର ବିଭୁ ମିଶ୍ର, ସ୍ୱର୍ଗତ ଗିରିଙ୍କ ସ୍ତ୍ରୀ ଲବଙ୍ଗଲତା ଗିରି, ପୁତ୍ର ବିକାଶ ଚନ୍ଦ୍ର ଗିରି ପ୍ରମୁଖ ଯୋଗଦେଇ ଗଦାଧରଙ୍କ ଫଟୋଚିତ୍ରରେ




ପୁଷ୍ପମାଲ୍ୟ ଦେଇ ଗଦାଧର ଖାଲି ବାଲିଆପାଳ କାହିଁକି ସମଗ୍ର ଓଡ଼ିଶାରେ ବେଶ ଜଣାଶୁଣା ଜନନେତା ଥିଲେ। ଏହି ଅବସରରେ ଗଦାଧର ଗିରି ସ୍ମୃତି ବିକାଶ ପରିଷଦ ଆବାହକ ବିକାଶ ଚନ୍ଦ୍ର ଗିରିଙ୍କୁ ବାଲିଆପାଳ ବ୍ଲକ ପାନଚାଷୀ ସମନ୍ୱୟ ସମିତି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗଦାଧର ଗିରି ସ୍ମୃତି ପରିଷଦ ପକ୍ଷରୁ ସୃଷ୍ଟିଧର ନାୟକ ଏବଂ କୁମୁଦ ପରିଡ଼ାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାଳିପଦା ବଜାର କମିଟି ଓ ବିଜୟୀ ବାଲିଆପାଳ ଜନଆନ୍ଦୋଳନ ସ୍ମାରକୀ ମଞ୍ଚ ପକ୍ଷରୁ କାଳିପଦା ବଜାରରେ ବଜାର କମିଟି ସଭାପତି ନିତ୍ୟାନନ୍ଦ ଦାସଙ୍କ ସଭପତିତ୍ୱରେ ଭିଟାମାଟି ସୁରକ୍ଷା କମିଟି ଆବାହକ ଅରୁଣ ଜେନାଙ୍କ ପରିଚାଳନାରେ ଗଦାଧର ଗିରିଙ୍କ ଶ୍ରାଦ୍ଧବାର୍ଷିକ ପାଳିତ ହୋଇଛି। ବସ୍ତା ବିଧାୟିକା ସୁବାସିନୀ ଜେନା, କଂଗ୍ରେସ ନେତା ବିଜନ ନାୟକ ପ୍ରମୁଖ ଯୋଗ ଦେଇଥିଲେ।

## ସୋର ବ୍ଲେଷ୍ଟର ସ୍ୱାଇଡ ଚାମ୍ପିୟନ

### ନାକପଦା କ୍ରିକେଟ ଟୁର୍ଣ୍ଣାମେଣ୍ଟ

ଖଇରା, ୧୨।୧(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ସାରଡାଙ୍ଗ ପଞ୍ଚାୟତ ଅଧୀନ ସାରଡାଙ୍ଗ ମିନିଷ୍ଟାଡିୟମରେ ବଜରଙ୍ଗବଲ୍ଲୀ ୟୁଥ କ୍ଲବ ଆନୁକୂଲ୍ୟରେ ଚାଲିଥିବା ନାକପଦା କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଦିବସର ସୁପରଓଭର ମ୍ୟାଚରେ ସୋରର ବ୍ଲେଷ୍ଟର ସ୍ୱାଇଡ କେନ୍ଦୁଝରର ଚିକୁ ଚେଞ୍ଜରକୁ ୪ ରନରେ ପରାସ୍ତ କରି ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛି । ମାନସ ପ୍ରଧାନ ଓ ମନୋରଞ୍ଜନ ଦାସ ମ୍ୟାଚ ପରିଚାଳନା କରିଥିଲେ। ଖଇରା ଥାନା ଅଧିକାରିଣୀ ମୌସୁମୀ ମହାନ୍ତି ଫାଇନାଲ ଖେଳକୁ ଉଦ୍‌ଘାଟନ କରିଥିଲେ। ସେହିଭଳି ବିଧାୟକ ପଦ୍ମଲୋଚନ ପଣ୍ଡା ଖେଳ ମଧ୍ୟାନ୍ତରରେ ପହଞ୍ଚି ଖେଳାଳିମାନଙ୍କ ସହ କରମର୍ଦ୍ଦନ କରିବା ଅବସରରେ ପଡିଆର ଉନ୍ନତୀକରଣ ପ୍ରତିଶ୍ରୁତି ଦେଇଥିଲେ। ସରପଞ୍ଚ ପ୍ରଣତିବାଳା ମାଝି, ପୂର୍ବତନ ସମିତିସଭ୍ୟ କୈଳାସ ଚନ୍ଦ୍ର ମାଝି, ଯୁବନେତା ବୈକୁଣ୍ଠ ସେଠୀ, ସୁରେଶ ଚନ୍ଦ୍ର ମାଝି ଓ ମନୋରଞ୍ଜନ ପଣ୍ଡା ପ୍ରମୁଖ ପୁରସ୍କାର ବିତରଣ ଉତ୍ସବରେ ଯୋଗଦେଇ ବିଜୟୀ ଓ ରନର୍ସଅପ ଦଳକୁ ପୁରସ୍କୃତ କରିଥିଲେ। ନିରଞ୍ଜନ ସେଠୀ, ମୂରଲୀଧର ବାରିକ, ଉମାକାନ୍ତ ରାଉଳ, ଡମ୍ବରୁଧର ବେହେରା, ନରେନ୍ଦ୍ର ସେଠୀ, ଧୀରେନ୍ଦ୍ର ବାରିକ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

## ମୟୂରଭଞ୍ଜ

## ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ

ଝାରପୋଖରିଆ, ୧୨।୧(ସୁଧିର କୁମାର ମହାନ୍ତ): ସାରସକଣା ବ୍ଲକ ଝାରପୋଖରିଆଠାରେ ଥିବା ସରସ୍ୱତୀ ଶିଶୁବିଦ୍ୟାମନ୍ଦିରରେ ସ୍ୱାମୀ ବିବେକାନନ୍ଦଙ୍କ ୧୬୨ତମ ଜନ୍ମ ତିଥି ଉପଲକ୍ଷେ ଜାତୀୟ ଯୁବ ଦିବସ ତଥା ବିବେକାନନ୍ଦଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ବିଦ୍ୟାଳୟର ବୈଦିକ ମଣ୍ଡପଠାରେ ଆୟୋଜିତ ଉତ୍ସବରେ ପ୍ରଧାନ ଆଚାର୍ଯ୍ୟ ପଦ୍ମଲୋଚନ ପାତ୍ରଙ୍କ ଅଧ୍ୟକ୍ଷତାରେ ଆଚାର୍ଯ୍ୟା ସସ୍ମିତା ମହାନ୍ତ ଉଦ୍‌ଘାଟନ କରିଥିଲେ। ଆଚାର୍ଯ୍ୟ ଶ୍ରୀହରି ସିଂ ବୈଦିକ ପ୍ରଦାନ ମାଧ୍ୟମରେ ସ୍ୱାମୀ ବିବେକାନନ୍ଦଙ୍କ ଜୀବନୀ ସମ୍ବନ୍ଧରେ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ମତବ୍ୟକ୍ତ କରିଥିଲେ। ଗୁରୁମାତା ଜାନିତା ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ଉପଦେଷ୍ଟା ମଣ୍ଡଳୀର ସଭ୍ୟ ଅମିୟ କୁମାର ଦ୍ୱାରୀ, ସାମ୍ବାଦିକ ସୁଧିର କୁମାର ମହାନ୍ତ ପ୍ରମୁଖ ଯୋଗଦେଇ ସ୍ୱାମୀ ବିବେକାନନ୍ଦଙ୍କ ଜୀବନଶୈଳୀକୁ ଆଧାର କରି ସମାଜରେ କାର୍ଯ୍ୟ କରିବା ପାଇଁ ଉପଦେଶ ପ୍ରଦାନ କରିଥିଲେ। ଆଚାର୍ଯ୍ୟା ଇନ୍ଦ୍ରାବତୀ ମହାନ୍ତ ଧନ୍ୟବାଦ ଦେଇଥିଲେ। ଶିଶୁ ବିଦ୍ୟାମନ୍ଦିରର ସମସ୍ତ ଆଚାର୍ଯ୍ୟା ଓ ଆଚର୍ଯ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## 'ଗୁଣାତ୍ମକ ଶିକ୍ଷା ଛାତ୍ରୀଛାତ୍ରଙ୍କୁ ସଂସ୍କାରର ପ୍ରେରଣା ଯୋଗାଇଥାଏ'

### ସୀମାନ୍ତ ମହାବିଦ୍ୟାଳୟ ବାର୍ଷିକୋତ୍ସବ ଉଦ୍‌ଯାପିତ


ବାର୍ଷିକୋତ୍ସବରେ ଉପସ୍ଥିତ ଅତିଥିମାନେ।

ଝାରପୋଖରିଆ, ୧୨।୧ (ସୁଧିର କୁମାର ମହାନ୍ତ)

ମୟୂରଭଞ୍ଜ ଜିଲା ସାରସକଣା ବ୍ଲକର ଝାରପୋଖରିଆ (ବମ୍ଫେଛକ)ଠାରେ ଥିବା ବହୁ ପୁରାତନ ସୀମାନ୍ତ ମହାବିଦ୍ୟାଳୟର ୪୩ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଜାତୀୟ ସେବାଯୋଜନା, ଯୁବ ରେଡ୍‌କ୍ରସ, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ, ଛାତ୍ରୀଛାତ୍ର, କର୍ମଚାରୀମାନେ ଅତିଥିମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଅଧ୍ୟକ୍ଷ ପ୍ରଦ୍ୟୁତ କୁମାର ପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସାରସକଣା ବିଧାୟକ ଭାଦବ ହାଁସଦା, ମୁଖ୍ୟ ବ୍ୟକ୍ତା ଭାବେ ସମ୍ବାଦିକ, ସାହିତ୍ୟିକ ଓ ସ୍ତମ୍ଭକାର କବି ବିଷ୍ଣୁ ଶତପଥୀ, ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷା ତଥା ପରିଚାଳନା ସମିତିର ପୂର୍ବତନ ସଭାପତି ଡ.ଅଞ୍ଜଳି ଦାସ ଯୋଗଦେଇଥିଲେ। ଅଜୟ କୁମାର ପରିଡ଼ା ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଛାତ୍ର ସଂସଦର ଉପଦେଷ୍ଟା ମଣ୍ଡଳୀର ସଦସ୍ୟ ଅଶୋକ କୁମାର ଶର୍ମା ସଭା ପରିଚାଳନା କରିଥିଲେ। ଶିଶିର କୁମାର ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ପ୍ରବୀର କୁମାର ପଟ୍ଟନାୟକ, ଅରୁଣ କୁମାର ପାତ୍ର, ବିଶ୍ୱନାଥ ମହାନ୍ତ, ମହାବିଦ୍ୟାଳୟ ପ୍ରଶାସନିକ ଅଧିକାରୀ ସଞ୍ଜୀବ କୁମାର ପଟ୍ଟନାୟକ ମଞ୍ଚାସୀନ ଥିଲେ। ଗୁଣାତ୍ମକ ଶିକ୍ଷା ଛାତ୍ରୀଛାତ୍ରଙ୍କୁ ସଂସ୍କାରର ପ୍ରେରଣା ଯୋଗାଇଥାଏ ବୋଲି ମୁଖ୍ୟ ଅତିଥି ବିଧାୟକ ହାଁସଦା ମତବ୍ୟକ୍ତ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ପ୍ରବୀର କୁମାର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଗ୍ରାମ ସଂଯୋଜକ ମହାସଂଘର ବାର୍ଷିକୋତ୍ସବ

ଠାକୁରମୁଣ୍ଡା,୧୨।୧ (ତାରାକାନ୍ତ ପଟ୍ଟନାୟକ)

ଠାକୁରମୁଣ୍ଡା ବ୍ଲକ ଗ୍ରାମ ସଂଯୋଜକ ମହାସଂଘର ଦ୍ୱିତୀୟ ବାର୍ଷିକ ଉତ୍ସବ ରବିବାର ପର୍ଯ୍ୟଟନ ସ୍ଥଳୀ ଭୀମକୁଣ୍ଡଠାରେ ଅନୁଷ୍ଠିତ ହୋଇଯାଇଛି। ମୟୂରଭଞ୍ଜ ଜିଲା ଗ୍ରାମ ସଂଯୋଜକ ମହାସଂଘର ସଭାପତି ଗଦାଧର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବୁରୁ, ସ୍ୱତନ୍ତ୍ର ଅତିଥି ଭାବେ ଠାକୁରମୁଣ୍ଡା ବ୍ଲକ ଅଧ୍ୟକ୍ଷା ସରୋଜିନୀ ମୁଣ୍ଡା, ବ୍ଲକ ଉପାଧ୍ୟକ୍ଷ ସନ୍ତୋଷ କୁମାର ମହାନ୍ତ, ତରାମରା ସରପଞ୍ଚ ବ୍ରହ୍ମାନନ୍ଦ ଦେହୁରୀ, ଦିଗଧର ସରପଞ୍ଚ ମଳୟ ପରିମାଣିକ, କେଶଡ଼ିହା ସରପଞ୍ଚ ବୀଣାପାଣି ନାୟକ, ଚମ୍ପାଝର ସରପଞ୍ଚ ବିକ୍ରମ ପିଙ୍ଗୁଆ ଯୋଗ ଦେଇଥିଲେ। ଠାକୁରମୁଣ୍ଡା ବ୍ଲକ ଗ୍ରାମ ସଂଯୋଜକ ମହାସଂଘ ସଭାନେତ୍ରୀ ପ୍ରଭାବତୀ ମହାନ୍ତ, କପ୍ତିପଦା ବ୍ଲକ ଗ୍ରାମ ସଂଯୋଜକ ସଂଘ କୋଷାଧ୍ୟକ୍ଷ ସହଦେବ ପାତ୍ର, ଶରତ ଜୋନ ମେଟ ସଂଘ ସଭାପତି ବିଜୟ ସାମଲ, ଠାକୁରମୁଣ୍ଡା ବ୍ଲକ ଗ୍ରାମ ସଂଯୋଜକ ସମ୍ପାଦକ ସୁଦାମ ନାଏକ, ସହ ସମ୍ପାଦକ ନକୁଳ ମହାନ୍ତ, କୋଷାଧ୍ୟକ୍ଷ ଜଳଧର ମହାନ୍ତଙ୍କ ସମେତ ବ୍ଲକର ଗ୍ରାମ ସଂଯୋଜକମାନେ ଉପସ୍ଥିତ ଥିଲେ। ମହାତ୍ମା ଗାନ୍ଧୀ ଜାତୀୟ କର୍ମ ନିଶ୍ଚିତ ଯୋଜନାରେ କାର୍ଯ୍ୟକାରୀ ହେଉଥିବା କାମରେ ଗ୍ରାମ ସଂଯୋଜକମାନଙ୍କୁ ଦୈନିକ ମଜୁରୀ ପରିମାଣ କମ୍ ଦିଆ ଯାଉଥିବାରୁ ବୈଠକରେ କ୍ଷୋଭ ପ୍ରକାଶ ପାଇଥିଲା। ଗ୍ରାମ ସଂଯୋଜକମାନଙ୍କୁ ମାସିକିଆ ପ୍ରାପ୍ୟ ପ୍ରଦାନ କରାଯିବାକୁ ଦାବି କରାଯାଇଥିଲା।

## ଟଙ୍କା, ସୁନା ଚୋରି

ମୋରଡ଼ା, ୧୨।୧(ସ୍ମାରକ ମାଜୀ)- ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ଥାନା ତୋଟାପୋଡ଼ା ଗ୍ରାମର ସସ୍ମିତା ପଣ୍ଡାଙ୍କ ଘରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଏନେଇ ରାସଗୋବିନ୍ଦପୁର ଥାନାରେ ମାମଲା(ନଂ. ୯/୨୫) ରୁଜୁ ହୋଇଛି। ଅଭିଯୋଗ ମୁତାବକ, ସସ୍ମିତା ତାଙ୍କ ଛୋଟ ଝିଅ ସହିତ ଶନିବାର ରାତିରେ ଯାତ୍ରା ଦେଖିବାକୁ ଯାଇଥିଲେ। ଫେରିବା ପରେ ଘରର କବାଟ ଓ ଗଡରେଜ ଭଙ୍ଗାଯାଇ ସୁନା କାନଫୁଲ ଏବଂ ନଗଦ ୫୦ ହଜାର ଟଙ୍କା ଚୋରି ହୋଇଥିବା ଦେଖିବାକୁ ପାଇଥିଲେ। ଚୋରମାନେ ବ୍ୟବହାର କରିଥିବା କଟର, ପ୍ଲାସ, ଗ୍ଲୋଭସ ଇତ୍ୟାଦି ଛାଡ଼ି ପଳାଇଥିଲେ। ସେହିପରି ଉକ୍ତ ଥାନା ଅଧୀନ ଗାଁଅମର୍ଦା ପଞ୍ଚାୟତର ଅମର୍ଦା ଗ୍ରାମର ବୃଦ୍ଧା ଜୟନ୍ତୀ କୁଅଁରଙ୍କ ଘରକୁ ଶନିବାର ଅପରାହ୍ନରେ ୨ ଯୁବକ ଆସି ପୁରୁଣା କଂସା ବାସନ ସଫା କରିଦେବା ବାହାନାରେ ସୁନା ମୁଦି ଓ ଚେନ ଝାମ୍ପି ନେଇ ଚମ୍ପଟ ମାରିଥିବା ଥାନାରେ ଅଭିଯୋଗ ହୋଇଛି।

## ଶ୍ରୀ ମା' ପୂର୍ଣ୍ଣାଙ୍ଗ ଶିକ୍ଷା ନିକେତନର ବାର୍ଷିକୋତ୍ସବ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ଉଦଳା, ୧୨।୧(ସନ୍ତୋଷ କୁମାର ବାଛିନୀ)

ଉଦଳା କଲେଜ ରୋଡ୍‌ରେ ଥିବା ଶ୍ରୀ ମା' ପୂର୍ଣ୍ଣାଙ୍ଗ ଶିକ୍ଷା ନିକେତନ ସାଧନା କେନ୍ଦ୍ରର ଚତୁର୍ଦ୍ଦଶ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଏନ୍ଏସି ଅଧ୍ୟକ୍ଷା ପ୍ରମିଳା ପଣ୍ଡା, ସିଆର୍‌ସିସି ଆଦ୍ୟାଶା ଦାସ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ବାରିକ, ପୂର୍ଣ୍ଣାଙ୍ଗ ଶିକ୍ଷା ସଂଗଠନର ଜିଲା ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ମହାଳିକ, ଜିଲା ସଂଗଠନର ଟ୍ରଷ୍ଟି ଗଣେଶ ପ୍ରସାଦ ମହାପାତ୍ର ପ୍ରମୁଖ ମଞ୍ଚାସୀନ ହୋଇ ବିଦ୍ୟାର୍ଥୀମାନେ ବିଦ୍ୟା ଅର୍ଜନ କରି ଜଣେ ଭଲ ମଣିଷ ହେଲେ ଶିକ୍ଷାର ଉପଯୁକ୍ତ ମୂଲ୍ୟ ମିଳିଥାଏ ବୋଲି କହିଥିଲେ। ପୂର୍ଣ୍ଣାଙ୍ଗ ଶିକ୍ଷା ନିକେତନ ଅଧ୍ୟକ୍ଷା ସୁଶ୍ରୀ ସନ୍ତୋଷିନୀ ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟର ସ୍ଥାୟୀ ସଭାପତି ସୌମ୍ୟ ସୁମନ ଦାସ, ସମ୍ପାଦିକା ସୁଜାତା ମହାଳିକ ଉପସ୍ଥିତ ରହି ସମସ୍ତ କାର୍ଯ୍ୟରେ ସହଯୋଗ କରିଥିଲେ। ଏହି ଅବସରରେ କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ସଭା କାର୍ଯ୍ୟ ପରେ ବିଦ୍ୟାଳୟର କୁନି କୁନି ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଅଭିଜିତ ମଜୁମଦାର ଏବଂ ତାଙ୍କର ସହଯୋଗୀଙ୍କ ଦ୍ୱାରା ସଙ୍ଗୀତ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

## ୨୦୫ ଲିଟର ଦେଶୀ ମଦ ଜବତ

### ମଦ ଭାଟିରେ ଅବକାରୀ ଚଢ଼ାଉ

ରାଇରଙ୍ଗପୁର, ୧୨।୧(ମାନସ ମହାନ୍ତି): ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଅବକାରୀ ଉପ ଅଧୀକ୍ଷକ ସୌମ୍ୟରଞ୍ଜନ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ବେଆଇନ ମଦ ଭାଟିରେ ଚଢ଼ାଉ ପରେ ୨୦୫ ଲିଟର ଦେଶୀ ମଦ ଜବତ ହୋଇଛି। ଉପଖଣ୍ଡ ଅବକାରୀ ରେଞ୍ଜ ପକ୍ଷରୁ ରାଇରଙ୍ଗପୁର ଅବକାରୀ ନିରୀକ୍ଷକ ବିନୟ ପ୍ରକାଶ ତିର୍କୀ ଓ ରାଇରଙ୍ଗପୁର ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରହ୍ଲାଦ ସାମଲଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ୍ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଟେଷ୍ଟପୋଷି ଗ୍ରାମ ନଦୀ କୂଳ ଅଞ୍ଚଳରେ ଚଢ଼ାଉ କରିଥିଲା। ସେଠାରୁ ୨୦୫ ଲିଟର ଦେଶୀ ରନ୍ଧା ମଦ ଜବତ ହୋଇଛି। ୭୬୦୦ ଲିଟର ମହୁଲ ପୋଚ ଘଟଣାସ୍ଥଳରେ ନଷ୍ଟ କରାଯାଇଛି। ଜବତ ଦେଶୀ ରନ୍ଧା ମଦ ଓ ମହୁଲ ପୋଚର ଆନୁମାନିକ ମୂଲ୍ୟ ୪ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି। ଏନେଇ ରାଇରଙ୍ଗପୁର ଅବକାରୀ ଥାନା ପକ୍ଷରୁ ୨ଟି ମାମଲା ( ନଂ.୬୨/୨୫ ଏବଂ ୬୩/୨୫ ) ରୁଜୁ ହୋଇଛି।

## ଦୁର୍ଗା ଲାୟନ୍ସ କ୍ଲବ ଚାମ୍ପିୟନ

### ମାନଗୋବିନ୍ଦପୁର ପ୍ରିମିୟର ଲିଗ୍ ସିଜନ-୩

ବାରିପଦା, ୧୨।୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ଅଧୀନ ମାନଗୋବିନ୍ଦପୁର ପଞ୍ଚାୟତ ଆଡ଼ିଆସାହି ବରୁଣେଇ ଖେଳପଡ଼ିଆରେ ୧୦ ଦିନ ଧରି ଚାଲିଥିବା ମାନଗୋବିନ୍ଦପୁର ପ୍ରିମିୟର ଲିଗ୍(ଏମ୍‌ପିଏଲ୍) ସିଜିନ-୩ରେ ଦୁର୍ଗା ଲାୟନ୍ସ କ୍ଲବ ଚାମ୍ପିୟନ ହୋଇଛି। ରବିବାର ଅନୁଷ୍ଠିତ ସଂଘର୍ଷପୂର୍ଣ୍ଣ ଫାଇନାଲ ମ୍ୟାଚରେ ଦୁର୍ଗା ଲାୟନ୍ସ କ୍ଲବ ଦିବ୍ୟାନ୍ସ ଫାଇଟର୍ସ ଟିମ୍‌କୁ ପରାସ୍ତ କରିଛି।

ଫାଇନାଲ ଖେଳକୁ ବଡ଼ସାହି ବ୍ଲକ ଏମ୍‌ପି ପ୍ରତିନିଧି ଶଶୀଶେଖର ପଣ୍ଡା, ବରିଷ୍ଠ ଶିକ୍ଷକ ପ୍ରଦୀପ ପରିଡ଼ା, ଡା. କିଶୋର ଚନ୍ଦ୍ର ମହାପାତ୍ର ଉଦ୍‌ଘାଟନ କରିଥିଲେ। ମାନଗୋବିନ୍ଦପୁର ପଞ୍ଚାୟତର ସମିତି ସଭ୍ୟ ରାକେଶ ମହାପାତ୍ରଙ୍କ ସଭାପତିତ୍ୱରେ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଥିଲା।



ଅତିଥିଙ୍କ ଗହଣରେ ଖେଳାଳିମାନେ।

ମୁଖ୍ୟଅତିଥି ଭାବେ ବଡ଼ସାହିର ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର, ସମ୍ମାନିତ ଅତିଥି ଭାବେ ଖବରଦାତା ମନୋଜ କୁମାର ପଣ୍ଡା, ଶିକ୍ଷକ କାର୍ତ୍ତିକ ଜେନା, ସାମାଜିକ କର୍ମୀ ସ୍ୱରୂପ ପରିଡ଼ା, ବଡ଼ସାହି ବ୍ଲକ ଯୁବ ବିଜେଡି କାର୍ଯ୍ୟକାରୀ ସଭାପତି ଦୀପକ କୁମାର ସାହୁ ଓ ତରୁଣ ରାଉତ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହିତ ପୁରସ୍କାର ପ୍ରଦାନ କରିଥିଲେ। ଚାମ୍ପିୟନ ଓ ରନର ଅପ୍ ଦଳକୁ ଯଥାକ୍ରମେ ୩୫ ହଜାର ଓ ୩୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଅନ୍ୟ କୃତି ଖେଳାଳି ଓ ଆମ୍ପେୟାରଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। କ୍ଲବର ସମସ୍ତ ସଦସ୍ୟ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

